# ଜବରଦଖଲ ଉଚ୍ଛେଦ ଆରମ୍ଭ ▶ ଓରକଳ ପଞ୍ଚାୟତରୁ ଲିଭିଗଲା ୧୩ ନମ୍ବର ୱାର୍ଡ

ପିପିଲି,୩୦।୧(ସମିସ)




ନିଜ ଜିଦ୍‌ରେ ଅଟଳ ରହିଲା ପ୍ରଶାସନ। ଗାଁ ପଡ଼ାରେ ଚାଲିଲା ବୁଲ୍‌ଡୋଜର। ସେପଟେ ଭିଟାମାଟି ପାଇଁ ଜୋରଦାର ବିରୋଧ ଜାରି ରଖିଲେ ଗାଁ ପଡ଼ା ବାସିନ୍ଦା। ପିପିଲି ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ଗାଁ ପଡ଼ାରେ ଶୁକ୍ରବାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି। ଗାଁ ମୁଣ୍ଡରେ ଥିବା କେତେକ ଘରକୁ ଭାଙ୍ଗିଛି। ଦୁଇ ଦୁଇଟି ବୁଲ୍‌ଡୋଜର ଗାଁରେ ଭାଙ୍ଗିବା କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ନିଜ ଭିଟାମାଟି ପାଇଁ ଗାଁ ଦାଣ୍ଡରେ ଜୋର୍‌ଦାର୍ ବିରୋଧ ପ୍ରଦର୍ଶନ କରିଛନ୍ତି ଗ୍ରାମବାସୀ। ଯଦିଓ ଆଗକୁ ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷା ପାଇଁ ଏହି ଗ୍ରାମରେ ଅନେକ ନିଜକୁ ପ୍ରସ୍ତୁତ କରୁଛନ୍ତି କିନ୍ତୁ ନିଜ ଭିଟାମାଟି ପାଇଁ ନିଜ ପରିବାର ସହିତ ନିଜକୁ ସାମିଲ୍ କରି ପ୍ରତିବାଦ କରିଛନ୍ତି। ଭୋଟ୍ ନେଇ ତାଙ୍କୁ ପ୍ରତାରଣା କରାଯାଉଛି। ପ୍ରକଳ୍ପ ନାମରେ ତାଙ୍କୁ ଥଇଥାନ କରା ନ ଯାଇ ଜୁଲୁମ୍ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ବିଶେଷ କରି ଓରକଳ ପଞ୍ଚାୟତରେ ଗାଁ ପଡ଼ାବାସୀଙ୍କୁ ନେଇ ଗଠିତ ୧୩ ନମ୍ବର ୱାର୍ଡର ଏହି ବାସିନ୍ଦାମାନଙ୍କୁ ଇନ୍ଦିରା ଆବାସ ଗୃହଠାରୁ ଆରମ୍ଭ କରି ଅଙ୍ଗନବାଡ଼ି ଘର ପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ଯୋଜନାରେ ଅନେକ ବାସିନ୍ଦାଙ୍କୁ ସାମିଲ୍ କରାଯାଇଥିବା ବେଳେ ସରକାରଙ୍କ ସବୁ ଯୋଜନା ଗାଁରେ ଉପଲବ୍ଧ ରହିଛି। କିନ୍ତୁ କୌଣସି ଥଇଥାନ ପୂର୍ବରୁ ଶୁକ୍ରବାର ହଠାତ୍ ଉଚ୍ଛେଦକୁ ବିରୋଧ କରିଛନ୍ତି ଲୋକେ। ଗାଁ ପଡ଼ାରେ ଥିବା ପ୍ରାୟ ୫ଟି ପକା ଘରକୁ ମାଟିରେ ମିଶାଇ ଦିଆଯାଇଛି।

ଶନିବାର ପିପିଲି ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ ଚାକିରିରୁ ଅବସର ନେଉଥିବାରୁ ନୂତନ ତହସିଲ୍‌ଦାର କାର୍ଯ୍ୟରେ ଯୋଗଦେବା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। ଯେଉଁ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସରକାରୀ ଯୋଜନା ଯୋଗାଇ ଦିଆଯାଇଥିଲା ସେହି ପ୍ରଶାସନ ପକ୍ଷରୁ ଆଜି ଉଚ୍ଛେଦ କରାଯାଉଥିବା ସମୟରେ ସାହାଯ୍ୟର ହାତ ବଢ଼େଇବାକୁ ତାଙ୍କ ପାଖରେ ଆଜି କେହିନାହାନ୍ତି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଗାଁ ପଡ଼ା ଗ୍ରାମରେ ୧୨୦ ଘର ବାସିନ୍ଦା ଥିବାବେଳେ ପ୍ରାୟ ୫୦୦ ଭୋଟର ଅଛନ୍ତି। ଏହି ବାସିନ୍ଦାମାନେ ପ୍ରାୟ ଦେଢ଼ ଏକର ସରକାରୀ ଜାଗାକୁ ଦଖଲ କରି ରହିଛନ୍ତି।

## ପ୍ରାଚୀ ନଦୀରୁ ବେଆଇନ ମାଟି ଚାଲାଣ; ବିପଦରେ ନଦୀପଠା

**ନୟାହାଟ,୩୦।୧(ସମିସ):** ନୟାହାଟ ଅଞ୍ଚଳରେ ଥିବା ପ୍ରାଚୀନଦୀର ରାମେଶ୍ୱର, ବେତେଣ୍ଡା ଓ ନିଭରଣ ଘାଟରୁ ଜେସିବି ଓ ଟ୍ରାକ୍ଟର ଯୋଗେ ଦୈନିକ ଶହଶହ ଟ୍ରିପ୍ ମାଟି ନେଇ ଇଟାଭାଟି, ରାସ୍ତା, ଜମି ପୋତିବା ପାଇଁ ବ୍ୟବହାର କରାଯାଉଥିବା ବେଳେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରଜସ୍ୱ ହାନୀ ହେଉଛି।

ଏଥିସହିତ ପ୍ରାଚୀନଦୀ ପାଶ୍ୱର୍ରୁ ମୃତ୍ତିକା କ୍ଷୟ ହେଉଛି। ପ୍ରାଚୀ ନଦୀ ଧୀରେ ଧୀରେ ପୋତିହେବା ଫଳରେ ଜଳଧାରଣ କ୍ଷମତା ହ୍ରାସ ପାଉଛି। ଜଙ୍ଗଲବୋରି ଆର୍‌ଆଇ ଅଧୀନରେ ଥିବା ଗୋଚର ଅନାବାଦୀ ଜମିରୁ ମାଟି ଖୋଳାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସରକାରୀ ଜମିରୁ ମାଟି ବ୍ୟବହାର କରୁଥିବା ଇଟାଭାଟି ମାଲିକ ଓ ଠିକାଦାର ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବାବେଳେ ଇଟାଭାଟିରୁ ନିର୍ଗତ ଧୂଆଁ ପରିବେଶକୁ ଦୂଷିତ କରୁଛି। ନଦୀ ପଠାରୁ ମାଟି ଚାଲାଣ ଦ୍ୱାରା ବନ୍ଧ ଦୁର୍ବଳ ହେବା ସହ ବିପଦ ସୃଷ୍ଟି ହେଉଛି। ନୟାହାଟ ଅଞ୍ଚଳର କେତେକ ଜେସିବି ମାଟି ଖୋଳାରେ ନିୟୋଜିତ ରହୁଛନ୍ତି। ଏ ଦିଗରେ ଖଣିଜ ବିଭାଗ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**କଣାସ,୩୦।୧(ସମସ):** କଣାସ ବ୍ଲକ୍ ଅନ୍ତର୍ଗତ ଗଡ଼ିଶାଗୋଡା ଥାନା ପରିସର ସାହସପୁର ଗ୍ରାମର ଉତ୍ତମ ହରିଚନ୍ଦନ (୭୨)ଙ୍କର ପରଲୋକ ଘଟିଛି। ଗତ ଗୁରୁବାର ନିଜ ବାସଗୃହରେ ମାଣ ବସୁଥିବାରୁ ମା' ଲକ୍ଷ୍ମୀଙ୍କ ପାଇଁ ନିଜ ହାତରେ ପିଠାପଣା କରି ପୂଜାର୍ଚ୍ଚନା କରିଥିଲେ। ଅପରାହ୍ଣରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ସାନ ପୁଅ ସନ୍ତୋଷ ହରିଚନ୍ଦନ ଓ ବଡ଼ ପୁଅ ରମେଶ ହରିଚନ୍ଦନ ମୁଖାଗ୍ନି ଦେଇଥିଲେ।



## ସାହସପୁରରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

**କଣାସ,୩୦।୧(ସମିସ):** କଣାସ ବ୍ଲକ୍ ଅନ୍ତର୍ଗତ କାଦୁଆ ଗ୍ରାମପଞ୍ଚାୟତ ସାହସପୁର ଗ୍ରାମର ଆରାଧ୍ୟ ଠାକୁର ଗତିଶ୍ୱର ଦେବଙ୍କ ପୀଠରେ ୪୪ତମ ବିଶ୍ୱଶାନ୍ତି ମହାଯଜ୍ଞ ୨୭ ତାରିଖଠାରୁ ଆରମ୍ଭ ହୋଇ ଶୁକ୍ରବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଛି। ୪ ଦିନ ଧରି ଅଙ୍କୁରାରୋପଣ, କୁଣ୍ଡମଣ୍ଡଳକରଣ, ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋ-ପୂଜା, ଅଗ୍ନିସ୍ଥାପନ ପ୍ରଭୃତି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଭକ୍ତମାନେ ଠାକୁରଙ୍କ ପୀଠରେ ପହଞ୍ଚି ପ୍ରଭୁକୃପା ଲାଭ କରିବା ପାଇଁ ଭିଡ଼ ଜମାଇଥିଲେ। ଏହି କାର୍ଯ୍ୟକ୍ରମରେ ବେଦମନ୍ତ୍ର ପାଠ କରିଥିଲେ ପଣ୍ଡିତ ନାରାୟଣ ମହାପାତ୍ର ଏବଂ ସାଥୀ ସହଯୋଗୀମାନେ। ଚିତ୍ରସେନ ସାହୁ ତାଙ୍କ ସହଧର୍ମିଣୀ ଝରଣା ସାହୁ କର୍ତ୍ତାଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯଜ୍ଞ କମିଟି, ଗ୍ରାମ୍ୟ କମିଟି ସହିତ ଗ୍ରାମବାସୀମାନେ ପରିଚାଳନା କରୁଛନ୍ତି।

## ତ୍ରିନାଥ ଦେବ ମନ୍ଦିରର ବାର୍ଷିକୋତ୍ସବ

**ବଳଙ୍ଗା,୩୦।୧(ସମିସ):** ବଳଙ୍ଗା ଥାନା ପରିସରସ୍ଥ ତ୍ରିନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ କର୍ତ୍ତା ଥିଲେ ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ। ପଣ୍ଡିତ ଗୋବିନ୍ଦ ମିଶ୍ର ପ୍ରମୁଖ ହୋମ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଭଜନ ସମାରୋହ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ବେହେରା, ଶୁଭଲକ୍ଷ୍ମୀ ପଟ୍ଟନାୟକ, ରତ୍ନାକର ବେହେରା, ପ୍ରଶାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତା ପାର୍ଶ୍ୱ ସୁରକ୍ଷା ବାଡ଼ରେ ଅନିୟମିତତା

# ଲୁହା ବଦଳରେ ଲାଗିଛି ବାଉଁଶ ବତା

**ବ୍ରହ୍ମଗିରି,୩୦।୧(ସମିସ):** ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଗୋଟେ ପରେ ଗୋଟେ ଅନିୟମିତତା ପଦାକୁ ଆସିଛି। ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି ବ୍ରହ୍ମଗିରି ବ୍ଲକ୍ ଅଧୀନରେ ଥିବା ବେଣ୍ଟପୁର ଗ୍ରାମ ପଞ୍ଚାୟତରେ। ଯାତ୍ରୀ ଓ ବାଇକ୍ ଆରୋହୀଙ୍କ ବିପଦରେ ସାହା ହେବା ପାଇଁ ରାସ୍ତାର ଉଭୟ ପାଶ୍ୱର୍ରେ ଲାଗିଥାଏ ସୁରକ୍ଷା ବାଡ଼। ଏହି ସୁରକ୍ଷା ବାଡ଼ ଲୁହାରେ ନିର୍ମିତ ହେବା କଥା, କିନ୍ତୁ ଏହା ବାଉଁଶ ବାଡ଼ ପ୍ରକଳ୍ପ ହୋଇଛି। ଏ ଦୃଶ୍ୟ ହେଉଛି ପୁରୀ ଜିଲ୍ଲା ଖଜୁରିଆଠାରୁ କାଦୁଆରେଡି ଛକ ବ୍ରହ୍ମଗିରି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଅଟେ। ଏହି ରାସ୍ତାରେ ଗଲାବେଳେ କୁସୁପୁରୁ ବାଙ୍କ ଯାହା ଆପଣଙ୍କୁ ଭାବିବା ପାଇଁ ବାଧ କରିବ। ରାସ୍ତାକଡ଼ରେ ଗାଡ଼ି ଚାଳକଙ୍କ ସୁରକ୍ଷା



ପାଇଁ ଲୁହା ଖୁଣ୍ଟି ପୋତାଯାଇଛି ସତ, ହେଲେ ସେଥିରେ ସୁରକ୍ଷା ପାଇଁ ଲଗାଯାଇଛି ବାଉଁଶ ବତା। ଯେଉଁଥିରେ ଲୁହା ପ୍ଲେଟ୍ ଲଗାଇବାର କଥା। କିନ୍ତୁ କିଏ ଓ କାହିଁକି ଏଭଳି ବାଉଁଶ ବତା ଲଗାଇଛି ତାକୁ ନେଇ ଅନେକ ଲୋକ ପ୍ରଶ୍ନ କରୁଛନ୍ତି। ସୁରକ୍ଷା ବାଡ଼ ନିମନ୍ତେ ରାଜ୍ୟ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ରାସ୍ତା ପାଶ୍ୱର୍ସ୍ଥ ସୁରକ୍ଷା ବାଡ଼ରେ ଲୁହା ବଦଳରେ ଲାଗିଛି ବାଉଁଶ ବତା। ଏହି ରାସ୍ତାଟି ୨୦୨୩/୨୪ରେ ନିର୍ମାଣ ହୋଇଥିଲା। ପୂର୍ତ୍ତ ବିଭାଗ ତରଫରୁ ୨୦୨୫ରେ ଏହି କାମଟି ସମ୍ପୂର୍ଣ୍ଣ ହୋଇଥିଲା। ଏ ବିଷୟରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେମାନଙ୍କଠାରୁ କୌଣସି ଉତ୍ତର ମିଳି ନ ଥିଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ନିହାତି ଆବଶ୍ୟକ ବୋଲି ଦାବି ହେଉଛି।

## ଅମାନିଆ ଗାଡ଼ି ଚାଳକଙ୍କୁ ଚକୋଲେଟ୍ ଦେଲେ ଛାତ୍ରଛାତ୍ରୀ

**ବ୍ରହ୍ମଗିରି,୩୦।୧(ସମିସ):** ଶୁକ୍ରବାର ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ମଣପଡ଼ା ପଞ୍ଚାୟତରେ ସଡ଼କ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଭୀମସେନ ଜେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ବାଲି କପିଳେଶ୍ୱର ଉଚ୍ଚ ବିଦ୍ୟାପୀଠର ଛାତ୍ରଛାତ୍ରୀ, ସ୍ଥାନୀୟ ସରପଞ୍ଚ ଓ ପରିବାହନ କର୍ମଚାରୀ ଉପସ୍ଥିତ ଥିଲେ। ପିଲାମାନଙ୍କ ଦ୍ୱାରା ଦାମୋଦରପୁରଠାରୁ ଏକ ରାଲି ବାହାରି କାଶୀୟ ଗ୍ରାମ ନିକଟରେ ପହଞ୍ଚି ଥିଲା। ରାସ୍ତାରେ ବିଭିନ୍ନ ପ୍ରକାର ନାରାବାଜି ଦେଇ ସଚେତନତା ରାଲି କରିଥିଲେ।



ହେଲ୍‌ମେଟ ପିନ୍ଧିବା ପାଇଁ ଗାଡ଼ି ଚାଳକମାନଙ୍କୁ ଅନୁରୋଧ କରିଥିଲେ। ଯେଉଁମାନେ ହେଲ୍‌ମେଟ୍ ପନ୍ଧି ନ ଥିଲେ ସେମାନଙ୍କୁ ଚକୋଲେଟ୍ ଦେଇ ଛାତ୍ରଛାତ୍ରୀ ଓ ପରିବହନ ଅଧିକାରୀମାନେ ସଚେତନ କରାଇଥିଲେ। କନିଷ୍ଠ ପରିବହନ ଅଧିକାରିଣୀ (ପୁରୀ) ଦମୟନ୍ତୀ ମହାଲିକା କହିଛନ୍ତି ଆମେ ସମସ୍ତେ ସଚେତନ ହେଲେ ବିଭିନ୍ନ ସମୟରେ ହେଉଥିବା ଦୁର୍ଘଟଣାକୁ ରୋକିପାରିବା। ସବୁ ସମୟରେ ଆମ ତରଫରୁ ଜନସାଧାରଣଙ୍କୁ କହି ଆସୁଛୁ ହେଲ୍‌ମେଟ ପିନ୍ଧନ୍ତୁ, ନିଶା ସେବନ କରି ଗାଡ଼ି ଚଳାଚଳ କରନ୍ତୁ ନାହିଁ। ଏହାକୁ ଅନୁପାଳନ କରିବା ପାଇଁ ଅନୁରୋଧ କରିଛନ୍ତି।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ସାକ୍ଷୀଗୋପାଳ,୩୦।୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାକ୍ଷୀଗୋପାଳର ପଞ୍ଚବିଂଶତମ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦେବ କୁମାର ମିଶ୍ର ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକଙ୍କ ସହିତ ଶିକ୍ଷା ବିକାଶ ସମିତିର ପ୍ରମୁଖ କର୍ମକର୍ତ୍ତା ଦେବେନ୍ଦ୍ର ପଟ୍ଟନାୟକ ଓ ଶିରିଶ କୁମାର ହାତୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ଉତ୍ତମ ଶୈକ୍ଷିକ ଢାଞ୍ଚାରେ କିଭଳି ଶିକ୍ଷାଦାନ ଦିଆଯିବ ସେଥିପାଇଁ ବିଦ୍ୟାଳୟ ଭିତ୍ତିଭୂମିର ଖୁବ୍‌ଶୀଘ୍ର ଉନ୍ନତି କରାଯିବା ନେଇ ସମସ୍ତ ସହଯୋଗ ଯୋଗାଇଦେବା ପାଇଁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଛାତ୍ରଛାତ୍ରୀଙ୍କୁ ଖାଲି ପାଠ ନୁହେଁ, ସେମାନଙ୍କ ରୁଚି ଅନୁଯାୟୀ ଶିକ୍ଷା ଯୋଗାଇଦେବାକୁ ସେମାନଙ୍କ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ପରିଚାଳନା ସମିତି ସମ୍ପାଦକ ବାଉରୀବନ୍ଧୁ ସ୍ୱାଇଁ ବିବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା,



ଆବଶ୍ୟକତା ଓ ସଫଳତାକୁ ଉପସ୍ଥିତ ଅତିଥିଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଗତ ବର୍ଷ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା, ବୃତ୍ତି ପରୀକ୍ଷା, ବିଜ୍ଞାନ ମେଳା, କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଦେବା ସହ ସେମାନଙ୍କ ଅଭିଭାବକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ପଞ୍ଚଶିଖା'କୁ ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୁଷ୍ଠ ରୋଗ ନିରାକରଣ ପାଇଁ ଶପଥପାଠ



**ସାକ୍ଷୀଗୋପାଳ,୩୦।୧(ସମିସ):** ସତ୍ୟବାଦୀ ବ୍ଲକ୍ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହିଦ ଦିବସ ପାଳିତ ହୋଇଯାଇଛି। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ଦିବସ ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ଗାନ୍ଧିଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ଛାତ୍ରଛାତ୍ରୀଙ୍କୁ ତାଙ୍କର ଆଦର୍ଶ, ସ୍ୱଦେଶୀ ଚିନ୍ତାଧାରା ଏବଂ ସାମାଜିକ ସଦ୍‌ଭାବନା ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ଜାତୀୟ କୁଷ୍ଠ ନିରାକରଣ ଦିବସ ଉପଲକ୍ଷେ କୁଷ୍ଠ ରୋଗର ନିରାକରଣ ପାଇଁ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ଶପଥପାଠ କରାଇଥିଲେ।

## ଶାରଳା କପ୍: ଆଦିତ୍ୟ ୧୧ ବିଜୟୀ

**ଅସ୍ତରଙ୍ଗ,୩୦।୧(ସମିସ):** ଅସ୍ତରଙ୍ଗ ମା' ଶାରଳା ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ନରେନ୍ଦ୍ର ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ଦୁଇଟି ଟିମ୍ ଆଦିତ୍ୟ ୧୧ ଏବଂ ଯଦୁପୁର କ୍ରିକେଟ କ୍ଲବ୍ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚ୍‌ରେ ଟସ୍ ଜିତି ଯଦୁପୁର ପ୍ରଥମେ ବ୍ୟାଟିଂ କରି ବିକ୍ରମ ସାମଲଙ୍କ ୪୯ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଆଦିତ୍ୟ ୧୧ ୬ ୱିକେଟ୍ ହରାଇ ୧୭୬ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାକେଶ ପାତ୍ର ୪୪ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ୟାନ୍‌ସିଂ ଅମ୍ପାୟାର ବବୁଲ ଏବଂ ଦିବ୍ୟଦର୍ଶୀ ଛାଟୋଇ ଖେଳ ପରିଚାଳନା କରିଥିଲେ।

ଏହି ମ୍ୟାଚ୍‌ରେ ଠିକାଦାର ଅରୁଣ ବିଶ୍ୱାଳ, ଆଦିତ୍ୟ ରାଉତ, ଆୟୁଷ୍ମାନ ମିଶ୍ର, ସତ୍ୟବ୍ରତ ଲେଙ୍କା, ଦେବାଶିଷ ବାରିକ, ଟୁଲୁ ବେହେରା, ମଳୟ ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ରାକେଶ ମହାନ୍ତି, ଦ୍ରୁପଦ ଭୋଳ, ମିଥୁନ ବେହେରା, ଶୁଭମ୍ ବେହେରା, ମିଡିଆ ସେଲ ସମ୍ପାଦକ ପ୍ରକାଶ କୁମାର ନାୟକ ସହଯୋଗ କରିଥିଲେ।



## ବିନାୟକ ଇଂରାଜୀ ମିଡିୟମ୍ ସ୍କୁଲର ପୁରସ୍କାର ବିତରଣ ଉତ୍ସବ



**ଗୋପ,୩୦।୧(ସମିସ):** ଗୋପ ବ୍ଲକ୍ ଅଧୀନ ଦଳନଇସ୍ଥିତ ବିନାୟକ ଇଂରାଜୀ ମିଡିଅମ୍ ସ୍କୁଲ, ଓ ନାଗପୁର ସ୍କୁଲ ମିଳିତ ଉଦ୍ୟମରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ସମାଜସେବୀ ମିନାକ୍ଷୀ ପୃଷ୍ଟି ଯୋଗଦେଇ ଉଦ୍‌ଘାଟନ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବୋଧ କୁମାର ସିହ୍ନା, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ସମାଜସେବୀ ବୈଦେହୀ ପ୍ରିୟା ଚାନ୍ଦ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କବି ସ୍ୱର୍ଣ୍ଣଲତା ତ୍ରିପାଠୀ ଯୋଗଦେଇ ଶିଶୁମାନଙ୍କ ବିକାଶ ଦିଗରେ ପିତାମାତା, ଶିକ୍ଷକ/ଶିକ୍ଷୟିତ୍ରୀ ଓ ପରିବାରର ଗୁରୁଜନମାନଙ୍କ ଭୂମିକା ବିଷୟରେ ଆଲୋକପାତ କରି ସମବେତ ଅଭିଭାବକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁଷ୍ଠାନ ତରଫରୁ ପ୍ରତିବର୍ଷ ପରି ଚଳିତବର୍ଷ 'ଗୁରୁ ଗୌରବ' ସମ୍ମାନରେ ସୁବୋଧ କୁମାର ସିହ୍ନା ଓ 'ମାତୃ ଗୌରବ' ସମ୍ମାନରେ ସମାଜସେବୀ ମିନାକ୍ଷୀ ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଉମାକାନ୍ତ ମହାପାତ୍ର ମଞ୍ଚ ପରିଚାଳନା ସହିତ ସ୍ୱର୍ଗତ ମନୋରମା ମହାପାତ୍ର ଏବଂ ସାବିତ୍ରୀ ମହାପାତ୍ର, ବଳିଆପଣ୍ଡା, ପୁରୀଙ୍କ ସ୍ମୃତିରେ ବିନାୟକ ଇଂରାଜୀ ମିଡିୟମ ସ୍କୁଲର କୃତୀ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ଶିକ୍ଷା ଜ୍ୟୋତି ଭାବେ ପ୍ରିୟଙ୍କାସ୍ୱାଇଁ, ଭାଷା ଜ୍ୟୋତି ଭାବେ ରାଜଲକ୍ଷ୍ମୀ ଭୋଇ, କଳାଜ୍ୟୋତି ଭାବେ ସ୍ୱପ୍ନା ପ୍ରିୟଦର୍ଶିନୀ ଦାଶ, ସର୍ବୋତ୍ତମ ଛାତ୍ରୀ ସ୍ନେହାଞ୍ଜଳି ଭୋଇ ଏବଂ ବିନାୟକ ସ୍କୁଲ, ନାଗପୁରର ଭାଷାଜ୍ୟୋତି ପ୍ରୀତିମୟ ପୃଷ୍ଟି, ଶିକ୍ଷା ଜ୍ୟୋତି ଭାବେ ସୌମ୍ୟାଶ୍ରୀ ସାହୁ, କଳାଜ୍ୟୋତି ଭାବେ ରୋନକ ଗୋଛାୟତ ଓ ସର୍ବୋତ୍ତମ ଛାତ୍ର ରୂପେ ଜ୍ୟୋତି ପ୍ରକାଶ ପରିଡ଼ାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ସିହ୍ନା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ସମ୍ପାଦକ ଗୌରାଙ୍ଗ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ସମାରୋହ



**ବ୍ରହ୍ମଗିରି,୩୦।୧(ସମିସ):** ଶୁକ୍ରବାର ବ୍ରହ୍ମଗିରି ବ୍ଲକ୍ ବରପଦାର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ବ୍ଲକ୍‌ର ଗ୍ରାମୀଣ ପିଲାମାନଙ୍କ ପାଇଁ ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ। ସନ୍ତୋଷ କୁମାର ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଗତ ୧୧ ବର୍ଷ ଧରି ସୁରୁଖୁରୁରେ ଚାଲୁଛି। ଗତ ୨୬ ତାରିଖ ଗଣତନ୍ତ୍ର ଦିବସ ଅବସରରେ ବିଦ୍ୟାଳୟ ପରିସରରେ ଏହାର ୧୧ତମ ବାର୍ଷିକ ସମାରୋହ ପାଳନ କରାଯାଇଥିଲା। ଉତ୍ସବରେ ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ, ଜଗନ୍ନାଥ ବାରିକ, ପୂର୍ବତନ ସିଆର୍‌ସିସି ବିଜୟ କୁମାର ପଲାଇ, ସୁଧାଂଶୁ ଭୂଷଣ ନାୟକ, ସୁଧାକର ବେହେରା, ପୁରୀ ସଦରର ପୁଲିସ ଅଧିକାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପଲ୍ଲବୀ ବରାଳ ବାର୍ଷିକ ରିପୋର୍ଟ ଏବଂ ବିଦ୍ୟାଳୟର ଜୟଯାତ୍ରା ଉପରେ ପ୍ରମୁଖ ଟିପ୍ପଣୀ ଉପସ୍ଥାପନା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷାଗତ ପରୀକ୍ଷାରେ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରତିଭା ପାଇଁ ସମ୍ମାନିତ କରାଯାଇଥିଲା। ଉଦ୍‌ଘୋଷକ ଆଶିଷ କୁମାର ସ୍ୱାଇଁ ପିଲାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଲାମାନେ ମଞ୍ଚ ଉପରେ ସେମାନଙ୍କ ପ୍ରତିଭା ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ରବି ଚାଷ ପାଇଁ କେନାଲରେ ଜଳ ଯୋଗାଣ ହେଉନି; ଚାଷୀ ଅସନ୍ତୁଷ୍ଟ

**କଣାସ,୩୦।୧(ସମିସ):** ପୁରୀ ଜିଲ୍ଲାର ଭାତହାଣ୍ଡିଭାବେ ପରିଚିତ କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ଦୀର୍ଘ ୨୦ ବର୍ଷ ହେଲା ଚାଷୀମାନେ ଶାରଦ ଧାନ ଫସଲ ହରାଇ ଖରାଟିଆ ଧାନ ଫସଲକୁ ଆଶା କରି ରହିଥା'ନ୍ତି। ପ୍ରତିବର୍ଷ ଡିସେମ୍ବର ଶେଷ ସୁଦ୍ଧା କଣାସ କେନାଲରେ ଜଳ ଯୋଗାଣ ହେଉଥିବାବେଳେ ଚଳିତ ବର୍ଷ କେନାଲରେ ରବି ଚାଷ ପାଇଁ ଜଳ ଆସୁନି। ଜଳ ଯୋଗାଇଦେବା ପାଇଁ ସରକାର ଘୋଷଣା କରିବାରୁ ଚାଷୀମାନେ ନଦୀ, ନାଳ, ଗ୍ରାମ୍ୟ ପୋଖରୀରୁ ମେସିନ ସାହାଯ୍ୟରେ ଜଳ ବୋହି ତଳି ପକାଇଥିଲେ। ଅନେକ ଚାଷୀ ଧାନ ଜମିକୁ ପାଣି ବୋହି ଆଛେରା ପକାଇ ଦେଇଛନ୍ତି। କିନ୍ତୁ ଦୀର୍ଘ ୧ ମାସ ହେଲା କେନାଲରେ ଜଳ ନ ଆସିବା ହେତୁ ତଳି ପଡ଼ିଥିବା ଜମିଗୁଡ଼ିକ ଫାଟି ଆଁ କରିଥିବାବେଳେ ତଳି ସବୁ ଜଳିଯିବାକୁ ବସିଲାଣି। ସେହିପରି ଆଛେରା ପଡ଼ିଥିବା ଜମିଗୁଡ଼ିକ ଫାଟି ଆଁ କରି ଆଛେରା ଜମିଗୁଡ଼ିକ ଜଳି ଯାଉଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କଣାସଠାରେ ଅବସ୍ଥାପିତ ଜଳସେଚନ ବିଭାଗ କାର୍ଯ୍ୟାଳୟରେ କେହି ଅଧିକାରୀ ରହୁ ନ ଥିବାରୁ ଚାଷୀମାନେ କାହାକୁ ଗୁହାରି କରିବେ ଜାଣିପାରୁ ନାହାନ୍ତି। ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଉନାହାନ୍ତି। ଆଉ ମଧ୍ୟ ବିଶେଷ ସୂତ୍ରରୁ ଜଣାପଡ଼ିଛି, ମୁଣ୍ଡୁଳିଠାରେ କେନାଲ ଉପରେ ଏକ ସେତୁ କରାଯାଉଥିବାରୁ ଜଳ ଛଡ଼ାଯାଉନି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।


ତଳି ପଡ଼ିଥିବା ଜମି ଫାଟି ଆଁ

## ପାଇପ୍ ଜଳ ଯୋଗାଣ ପ୍ରହସନରେ ପରିଣତ

# ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ

କଣାସ,୩୦।୧(ସମିସ)

କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗିରହେ। ଯାହା ଫଳରେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇପଡ଼େ। ସ୍ଥାୟୀ ସମସ୍ୟା ସମାଧାନ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଦୟା, ରାଜୁଆ, ମକରା, ମଲାଗୁଣୀ, ଲୁଣା ନଦୀରେ କେତୋଟି ହାତଗଣତି ପାଇପ୍ ଜଳ ପ୍ରକଳ୍ପ ବସାଯାଇ ପାନୀୟ ଜଳ ଯୋଗାଣ ଚାଲୁ ରହିଛି। ବିଭିନ୍ନ ସମସ୍ୟା ଯୋଗୁଁ ଅନେକ ଥର ବିଭିନ୍ନ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହୁଛି।



ଗଡ଼ବଡ଼ପୁଟଠାରେ ରାଜୁଆ ନଦୀରେ ନିର୍ମାଣ କରାଯାଇଥିବା ପାଇପ୍ ଜଳ ପ୍ରକଳ୍ପ ଆଜକୁ ୧୫ ଦିନ ହେଲା ଅଚଳ ହୋଇ ପଡ଼ିଥିବାରୁ ଉକ୍ତ ପ୍ରକଳ୍ପରୁ ଗଡ଼ବଡ଼ପୁଟ, ବେହେଡ଼ା, ବାରଦାକୁ ଯୋଗାଣ ହେଉଥିବା ପାଇପ୍ ଜଳ ବନ୍ଦ ରହିଛି।

ଖବର ନେବାରେ ଜଣାପଡ଼ିଛି ଯେ, ରାଜୁଆ ନଦୀରେ ନିର୍ମାଣ କରାଯାଇଥିବା ପାଇପ୍ ଜଳ ପ୍ରକଳ୍ପର ଉପର ମୁଣ୍ଡରେ ବ୍ୟାରେଜ୍ ନିର୍ମାଣ କରାଯାଇଥିବାରୁ ସମସ୍ତ ବ୍ୟାରେଜ୍‌ର କବାଟ ବନ୍ଦ କରାଯାଇଛି। ଯାହା ଫଳରେ ଜଳ ତଳ ମୁଣ୍ଡକୁ ନ ଆସିବାରୁ ପମ୍ପ୍ ହାଉସ୍‌ରୁ ଯେଉଁ କିଞ୍ଚିତ ଜଳ ଯୋଗାଣ ହେଉଛି ତାହା ଗଡ଼ବଡ଼ପୁଟ ଗ୍ରାମରେ ସୀମିତ ରହିଯାଉଛି। ରାଜୁଆ ନଦୀର ଦୁଇ କଡ଼ରେ ପଠାମାନଙ୍କରେ ଚାଷୀମାନେ ବିଭିନ୍ନ ପରିବା ଫସଲ କରିଥିବାରୁ ଫସଲକୁ ଜଳ ଯୋଗାଇପାରୁ ନାହାନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟାରେଜ୍‌ରୁ କବାଟ ଖୋଲି ତଳମୁଣ୍ଡକୁ ଜଳ ଛାଡ଼ିବା ପାଇଁ ଚାଷୀମାନେ ଅନୁରୋଧ କରିଛନ୍ତି। ଜଳ ଯୋଗାଣ ପ୍ରକଳ୍ପ ଏବଂ ବ୍ୟାରେଜ୍ ଖୋର୍ଦ୍ଧା ଜଳସେଚନ ବିଭାଗର ହୋଇଥିବାରୁ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ବ୍ୟାରେଜ୍ ଖୋଲିବା ପାଇଁ ଖୋର୍ଦ୍ଧା ଜଳସେଚନ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଫୋନ୍ ଯୋଗେ ଅନୁରୋଧ କରିଛନ୍ତି।

## ୭୭୬ ଗାଁରେ ଲାଗିଥିଲା ଏଲ୍‌ଇଡି ଲାଇଟ୍

# ୯୦ ପ୍ରତିଶତ ଖରାପ, ଅନ୍ଧାରରେ ଗାଁ ଦାଣ୍ଡ

- ୫ ବର୍ଷର ଗ୍ୟାରେଣ୍ଟି ଆସ୍ଫାଳନରେ ପରିଣତ
- ଧରାଦେଉନି ଠିକାସଂସ୍ଥା, ଶୁଣୁନି ପ୍ରଶାସନ
- ଲାଇଟ ଜଳୁନି, ପଞ୍ଚାୟତ ଉପରେ ବିଲ୍ ବୋଝ

ନୟାଗଡ଼,୩୦।୧(ସମିସ)

ନୟାଗଡ଼ ଜିଲ୍ଲାର ୭୭୬ ଗାଁ ରାଜ୍ୟ ସରକାରଙ୍କ ଅନୁଦାନରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲା ପରିଷଦ ପକ୍ଷରୁ ଏନେଇ ଟେଣ୍ଡର କରାଯାଇ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ଗ୍ରାମବାସୀ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ ଖୁସି ହୋଇଥିଲା। ତେବେ ଦିନ କେଇଟା ଖୁସିରେ ବିତିଥିବା ବେଳେ ଏବେ ଗ୍ରାମଗୁଡ଼ିକରେ ଅନ୍ଧାକାର ରାଜୁତି କରୁଛି। ଅନ୍ଧାର ଗାଁ ଦାଣ୍ଡ ବିପଦକୁ ନିମନ୍ତ୍ରଣ କରୁଛି। ମରାମତି କରିବା ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଅଭିଯୋଗ କଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ଜିଲ୍ଲା ପରିଷଦ ବୈଠକରେ ବାରମ୍ବାର ଆଲୋଚନା ହୋଇଥିଲେ ବି ସୁଫଳ ମିଳୁନି।

୨୦୧୮-୧୯ରେ ଆଲୋକୀକରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଥିଲା। ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ପ୍ରତି ପଞ୍ଚାୟତରେ ଗୋଟିଏ ଗାଁକୁ ଏଥିରେ ସାମିଲ କରିବା ପାଇଁ ପ୍ରସ୍ତାବ ରହିଥିଲା। ମାତ୍ର କୌଣସି କାରଣରୁ ଏହି କାମ ହୋଇପାରି ନ ଥିବା ବେଳେ ୨୦୧୮-୧୯, ୨୦୧୯-୨୦, ୨୦୨୦-୨୧, ୨୦୨୧-୨୨ ମୋଟ ୪ ବର୍ଷର ଅନୁଦାନରେ ଏକକାଳୀନ କାମ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଫଳରେ ପ୍ରତି ପଞ୍ଚାୟତ ସର୍ବାଧିକ ଜନସଂଖ୍ୟା ଥିବା ୪ ଗାଁକୁ ପ୍ରାଧାନ୍ୟ ଦିଆଯାଇ ଏଲଇଡି ଲାଇଟ ଲଗାଗଲା। ପ୍ରତି ଗାଁରେ ୧୦ଟି ଏଲଇଡି ଲାଇଟ ଲଗାଯାଇଥିଲା। ଏଥିପାଇଁ ପ୍ରତି ପଞ୍ଚାୟତରୁ ଏସ୍‌ଏଫସି ପାଣ୍ଠିରୁ ଅନୁଦାନ ଅଣାଯାଇଥିଲା। ପ୍ରତି ପଞ୍ଚାୟତରୁ ୨ ଲକ୍ଷ ୬୦ ହଜାର ଟଙ୍କା ଅଣାଯାଇଛି। ଜିଲ୍ଲାରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ୨୦୨୨ରେ ୧୯୪ ପଞ୍ଚାୟତରେ ଲାଇଟ ଲଗାଇବା କାର୍ଯ୍ୟ କରାଯାଇଥିବା ବେଳେ ଏବେ ୯୦ ପ୍ରତିଶତ ଏଲଇଡି ଅଚଳ ହୋଇପଡ଼ିଛି। ବାରମ୍ବାର ଏ ନେଇ ଗ୍ରାମବାସୀ ଚିତ୍କାର କରୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଉପରେ କୌଣସି ପ୍ରଭାବ ପଡୁନାହିଁ। ସମ୍ପୃକ୍ତ ଠିକାସଂସ୍ଥାଠାରୁ ମୋଟା ଅଙ୍କର ଅର୍ଥ କାରବାର କରି ବିଲ୍ ପ୍ରଦାନ କରାଯାଇଥିବା ବେଳେ ଠିକାସଂସ୍ଥା ମରାମତି ପାଇଁ ୫ ବର୍ଷର ଗ୍ୟାରେଣ୍ଟି ଆସ୍ଫାଳନରେ ପରିଣତ ହୋଇଛି। କେବେ ଏହି ଏଲଇଡି ମରାମତି କରାଯିବ ନା ତା' ବଦଳରେ ନୂତନ ଆଲୋକୀକରଣ ବ୍ୟବସ୍ଥା କରାଯିବ ତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।



ଅନ୍ୟପକ୍ଷେ, ୯୦ ପ୍ରତିଶତ ଏଲଇଡି ଅଚଳ ହୋଇଥିବା ବେଳେ ପଞ୍ଚାୟତ କିନ୍ତୁ ମାସିକ ବିଦ୍ୟୁତ୍ ବିଲ୍ ଗଣିଚାଲିଥିବା ଅନେକ ସରପଞ୍ଚ କହିଛନ୍ତି। ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ବିଚାର କରି ସମାଧାନ କରିବା ଆବଶ୍ୟକ ହୋଇପଡ଼ିଛି। ବିଭିନ୍ନ ବ୍ଲକର ସରପଞ୍ଚମାନେ ପଞ୍ଚାୟତ ସମିତି ବୈଠକରେ ଏ ନେଇ ହଟ୍ଟଗୋଳ କରୁଛନ୍ତି। ତଥାପି କୌଣସି ସୁଫଳ ମିଳୁନାହିଁ। ଗାଁ ଯେମିତି ଅନ୍ଧାରକୁ ସେମିତି ଅନ୍ଧାର ରହିଛି। ନୟାଗଡ଼ ବ୍ଲକ ବାଲୁଗାଁ ପଞ୍ଚାୟତରେ ଲାଗିଥିବା ଏଲଇଡିଗୁଡ଼ିକ ଜଳୁ ନ ଥିବା ନେଇ ସରପଞ୍ଚ ମନୋଜ କୁମାର ନାୟକ ବାରମ୍ବାର ଚିଠି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା କହିଛନ୍ତି। ଏଲଇଡି ଲାଇଟ ମରାମତି ଏବଂ ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ସରପଞ୍ଚ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଖୁବଶୀଘ୍ର ସରପଞ୍ଚମାନେ ଜିଲ୍ଲାପାଳଙ୍କୁ ଭେଟି ଏଲଇଡି ଲାଇଟ ଲଗାଯିବା ଘଟଣାର ତଦନ୍ତ ପାଇଁ ଦାବି କରିବେ ବୋଲି ସେ କହିଛନ୍ତି।

## ସଂଗ୍ରାମୀ ମହିଳାଙ୍କୁ ଥାନାରେ ଦୁର୍ବ୍ୟବହାର

ନୟାଗଡ଼,୩୦।୧(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ପୁଲିସ ଉପଖଣ୍ଡରେ ପୁଲିସ କର୍ମଚାରୀଙ୍କ ମାନସିକତା ଦିନକୁ ଦିନ ଇଂରେଜ ଶାସନ ଭଳି ହେଉଛି। ପୁଲିସ କର୍ମଚାରୀମାନେ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରିବା, ଧମକ ଦେବା ଭଳି ଘଟଣା ବାରମ୍ବାର ସାମ୍ନାକୁ ଆସିଛି। ଶୁକ୍ରବାର ଖଣ୍ଡପଡ଼ା ଥାନାରେ ଜଣେ ସଂଗ୍ରାମୀ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଉପରିସ୍ଥ ପୁଲିସ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିଥିବା କହିଛନ୍ତି। ଥାନାକୁ ଡାକି ଭୟଭୀତ କରାଇବା ଉଦ୍ଦେଶ୍ୟରେ ଜଣେ ଏଏସଆଇ ଏଭଳି କରିଥିବା ସେ କହିଛନ୍ତି।

ଏକ ଜମି ବିବାଦ ସମ୍ପର୍କିତ ପୁରୁଣା ମାମଲାରେ ଖଣ୍ଡପଡ଼ା ଥାନା ପୁଲିସ ଶିଖରପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଚିନିକଳ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଲଳିତା କୁମାରୀ ଦାସ ଏବଂ ତାଙ୍କ ପୁଅଙ୍କୁ ଥାନାକୁ ଡକାଇଥିଲା। ଅଭିଯୋଗ ଅନୁସାରେ, ଥାନା ଏଏସ୍‌ଆଇ ମନୋଜ କୁମାର ନାୟକ ପ୍ରତିପକ୍ଷ ରାଣୀପଡ଼ା ଗ୍ରାମର ନବକିଶୋର ସାହୁ ଓ ତାଙ୍କ ପୁଅଙ୍କ ସମ୍ମୁଖରେ ମହିଳାଙ୍କୁ ଉଚ୍ଚ ସ୍ୱରରେ "ତୁ କ'ଣ ଓଡ଼ିଆ ଜାଣିନପାରୁନୁ କି' ବୋଲି କହି ଅପମାନିତ କରିଥିଲେ। ଏଏସ୍‌ଆଇ ନାଲିଆଖି ଦେଖାଇ ପ୍ରତିପକ୍ଷଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଏଭଳି କରିଥିବା ଅଭିଯୋଗ ହୋଇଛି। ଜଣେ ବୃଦ୍ଧା ଓ ତଥା ସଂଗ୍ରାମୀ ମହିଳାଙ୍କ ପ୍ରତି ଗୁରୁତର ଅସମ୍ମାନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଗୁରୁବାର ଏଏସଆଇ ମନୋଜ ନାୟକ ନବକିଶୋର ସାହୁଙ୍କ ଗାଁକୁ ଆସିଥିଲେ। ତେଣୁ ସେ ହୁଏତ ନବକିଶୋରଙ୍କ ଦ୍ୱାରା ପ୍ରଭାବିତ ହୋଇ ମୋ ସହିତ ଏପରି ଦୁର୍ବ୍ୟବହାର କରିଛନ୍ତି ବୋଲି ଲଳିତା କହିଛନ୍ତି। ଏହି ଘଟଣା ସେ ନୟାଗଡ଼ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏଏସ୍‌ଆଇ ମନୋଜ ନାୟକଙ୍କ ମତାମତ ପାଇଁ ବାରମ୍ବାର ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇ ନାହାନ୍ତି। ଖଣ୍ଡପଡ଼ା ଥାନା ଅଧିକାରୀ କୃତ୍ତିବାସ ହରିଚନ୍ଦନଙ୍କୁ ଯୋଗାଯୋଗ କରିବାରେ, ଘଟଣା ବିଷୟରେ ସେ ଜାଣି ନ ଥିବା କହିଛନ୍ତି। ଘଟଣା ମୁଁ ନିଜେ ବୁଝିବି ବୋଲି କହିଛନ୍ତି।

## ଏନ୍‌ଏସ୍‌ଏସ୍ ଶିବିର 'ବନବାସ' ଉଦଯାପିତ

ଭାପୁର,୩୦।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମସ୍ଥିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୪ ତାରିଖରୁ ସାତ ଦିନ ବ୍ୟାପି ଚାଲିଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସ୍ୱତନ୍ତ୍ର ଶିବିର 'ବନବାସ' ଶୁକ୍ରବାର ଉଦଯାପିତ ହୋଇଛି। ପ୍ରୋଗ୍ରାମ ଅଫିସର ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ନେତୃତ୍ୱରେ ପରିଚାଳିତ ଏହି ଶିବିରରେ ୫୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଫକୀର ମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଚିତ୍ତରଞ୍ଜନ ଦାସ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ତଥା ପୂର୍ବତନ ପ୍ରୋଗ୍ରାମ ଅଫିସର ବିନୟ କୁମାର ସାହୁ, ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଯୋଗଦେଇ ଏନ୍‌ଏସ୍‌ଏସ୍‌ର ସାମାଜିକ ମୂଲ୍ୟବୋଧ ତଥା କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ।

## ଲେଖନପୁରରେ ପାଣି ପାଇଁ ରାସ୍ତାରୋକ



ନୟାଗଡ଼,୩୦।୧(ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ ଲେଖନପୁର ଗାଁରେ ପାଣି ପାଇଁ ଶୁକ୍ରବାର ରାସ୍ତାରୋକ କରାଯାଇଛି। ଜଗନ୍ନାଥ ମନ୍ଦିର ପିଟିଏସ୍ ରାସ୍ତାରେ ଲୋକମାନେ ଗରା, ବାଲଟି ଧରି ଏକ ଘଣ୍ଟା ରାସ୍ତାରୋକ କରିଥିଲେ। ଦୀର୍ଘଦିନ ଧରି ପାଣି ସମସ୍ୟା ଲାଗି ରହିଥିବା ବେଳେ ପ୍ରଶାସନ ସବୁବେଳେ ପ୍ରତିଶ୍ରୁତି ଦେଇ ଚାଲୁଛି। ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଗ୍ରାମରେ ଥିବା ଦୁଇଟି ନଳକୂପରୁ ଗୋଟିଏ ଅଚଳ ଓ ଅନ୍ୟଟିରୁ କଳାପାଣି ବାହାରୁଛି। ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତାରୋକ ଖବର ପାଇ ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା। ତେବେ ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଲୋକ ପଣ୍ଡା, ଏସଡିଓ ସୁବାସ ସ୍ୱାଇଁ, ତହସିଲଦାର ରାଜେଶ କେଶରୀ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

## ସଞ୍ଜାଇ ଦେବୀ କ୍ରିକେଟ

# ଫାଇନାଲରେ ତଳମାରଡ଼ା

ଭାପୁର,୩୦।୧(ସମିସ): ଭାପୁର ବ୍ଲକ ବିଜିପୁର ଗ୍ରାମ ମା' ସଞ୍ଜାଇ ଦେବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜିପୁର ମିନି ଷ୍ଟାଡିୟମରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ତଳମାରଡ଼ା ଓ ଆୟୋଜକ ବିଜିପୁର ଦଳ ପରସ୍ପରକୁ ଭେଟିଥିଲେ। ତଳମାରଡ଼ା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବିଜିପୁର ପ୍ରଥମେ ବ୍ୟାଟିଂ କରି ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିଥିଲା। ଜବାବରେ ତଳମାରଡ଼ା ଦଳ ୧୩.୩ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ରନ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ରୂପେ ସମାଜସେବୀ ବିଜୟ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ତଳମାରଡ଼ା ଦଳର ସୁଧାଂଶୁ ଗୁମାନସିଂ ବ୍ୟକ୍ତିଗତ ୧୨ ବଲରେ ୨୯ ରନ କରିବା ସହ ୨ ଓଭର ବୋଲିଂ କରି ୬ ରନ ବିନିମୟରେ ଗୋଟିଏ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ରବିବାର ତଳମାରଡ଼ା ଓ ଆରିକମା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ।

## ଜିଲ୍ଲାପାଳଙ୍କୁ ଭେଟିଲେ ୧୭ ଖଣ୍ଡ ମୌଜାବାସୀ

# 'ପ୍ରତିଶ୍ରୁତି ରକ୍ଷା କରୁ ଜିଲ୍ଲା ପ୍ରଶାସନ'




ନୟାଗଡ଼,୩୦।୧(ସମିସ): ନୟାଗଡ଼ ସଦରଥାନା ଅନ୍ତର୍ଗତ ମାଳିସାହି, ଢେଙ୍କେଣା, ଖଣ୍ଡୁଗାଁ, ଚାହାଳୀ ପଞ୍ଚାୟତର ୧୭ ଖଣ୍ଡ ମୌଜାବାସୀ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ରାସ୍ତା ନିର୍ମାଣ ପାଇଁ ଦାବି ଜଣାଇଛନ୍ତି। ଦୀର୍ଘ ୭ ବର୍ଷ ଧରି ୧୭ ଖଣ୍ଡ ମୌଜା ଓ ଗୁଡୁପାଙ୍ଗୀ ମଧ୍ୟରେ ରାସ୍ତା ପାଇଁ ବିବାଦ ଲାଗି ରହିଛି। ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଅଧପନ୍ତରିଆ ଅବସ୍ଥାରେ ରହିଛି। ୧୭ ଖଣ୍ଡ ମୌଜାବାସୀ ବଳଭଦ୍ରପୁର ଢିପାମାଳ ରାସ୍ତାକୁ ସଦାବନ୍ଧ ଛକ ଦେଇ ନିର୍ମାଣ କରିବାକୁ ଦାବି କରୁଥିବା ବେଳେ ଗୁଡୁପାଙ୍ଗୀ ଏହାକୁ ବିରୋଧ କରୁଛି। ଗୁଡୁପାଙ୍ଗୀବାସୀ ତାଙ୍କ ଗ୍ରାମ ଦେଇ ରାସ୍ତା ନିର୍ମାଣ କରିବା ଜିଦରେ ଅଟଳ ରହିଛନ୍ତି। ଏହି ବିବାଦକୁ ନେଇ ବିଗତ ଦିନରେ ଅନେକ ରାସ୍ତାରୋକ, ପ୍ରଜାମେଳି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନେକ ପ୍ରୟାସ ପରେ ବି ରାସ୍ତା ନିର୍ମାଣ ହୋଇପାରୁନାହିଁ। ଫଳରେ ୫ ଖଣ୍ଡ ଆଦିବାସୀ ଗାଁ ବାସିନ୍ଦା ଜଙ୍ଗଲ ପରିସରରୁ ବାହାରକୁ ବାହାରିବା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ବିଗତ ଦିନରେ ଭୋଟ ବର୍ଜନ ପରିସ୍ଥିତି ମଧ୍ୟ ଦେଖାଯାଇଛି। ବିଗତ ଦିନରେ ଜିଲ୍ଲାପାଳ ୪୦ ଲକ୍ଷ ଟଙ୍କା ମଞ୍ଜୁର କରି ପୁଲିସ ଫୋର୍ସ ଉପସ୍ଥିତିରେ ମାଟି ରାସ୍ତା ନିର୍ମାଣ କରିଥିଲେ। ତାହା ଅଧପନ୍ତରିଆ ହୋଇ ରହିଥିବା ବେଳେ ତୁରନ୍ତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି। ୨୦୨୫ ଜୁନ ୨୫ରେ ରାସ୍ତା ନିର୍ମାଣ ଦାବିରେ ୧୭ ଖଣ୍ଡ ମୌଜାବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲ୍ଲା ପ୍ରଶାସନ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଯାହାକୁ ନେଇ ଶୁକ୍ରବାର ପୁଣି ୧୭ ଖଣ୍ଡ ମୌଜାବାସୀ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଭେଟି ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ନିଜ ପ୍ରତିଶ୍ରୁତି ରକ୍ଷା କରୁ ବୋଲି କହିଛନ୍ତି। ଜିଲ୍ଲାପାଳଙ୍କ ସହ ୧୭ ଖଣ୍ଡ ମୌଜାବାସୀଙ୍କ ଆଲୋଚନା ହୋଇଥିବା ବେଳେ ଜିଲ୍ଲାପାଳଙ୍କ ପାଖରୁ ସହଯୋଗ ମିଳିବ ବୋଲି କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ କହିଛନ୍ତି। ଦୀର୍ଘ ୧୦ ବର୍ଷ ଧରି ଏହି ରାସ୍ତା ବିବାଦ ଲାଗି ରହିଛି। ବିଗତ ଦିନରେ ଠିକାସଂସ୍ଥାର ଗାଡ଼ି ପୋଡ଼ି ଦିଆଯିବା ସହ ପୁଲିସ କର୍ମଚାରୀଙ୍କୁ ଗୁଡୁପାଙ୍ଗୀ ବାସିନ୍ଦା ଆକ୍ରମଣ କରିଥିଲେ। ଫଳରେ ପ୍ରଧାନମନ୍ତ୍ରୀ ସଡ଼କ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି। କେବେ ଏହି ବିବାଦ ସମାଧାନ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଢେଙ୍କେଣା ସରପଞ୍ଚ ଯୁଗଳକିଶୋର ସାହୁଙ୍କ ନେତୃତ୍ୱରେ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଭେଟିଥିଲେ।

# ନୂଆଗାଁ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦଘାଟିତ




ନୟାଗଡ଼/ଗଣିଆ,୩୦।୧(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ମହୋତ୍ସବ ପଡ଼ିଆରେ ଶୁକ୍ରବାର ନୂଆଗାଁ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦଘାଟିତ ହୋଇଛି। ଅପରାହ୍ନରେ ପଞ୍ଚୁପାଣ୍ଡବ ପୀଠରୁ ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ସଂକୀର୍ତ୍ତନ ଏବଂ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ଅମୃତ କୁମାର ରାଉଳ, ଜିଲ୍ଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନି ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତି ଏବଂ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଗାଁ ଗାଁରେ ମହୋତ୍ସବ ହିଁ ଏକ ମାଧ୍ୟମ ବୋଲି ସଭାପତି ବେହେରା ପ୍ରକାଶ କରିଥିଲେ। ମହୋତ୍ସବ ମାଧ୍ୟମରେ ଭାଇଚାରା ସଂଗଠିତ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଷ୍ଟି ଡାକୁଆ ସାଂସ୍କୃତିକ ମଞ୍ଚରେ ପ୍ରଥମ ଦିନରେ ସିନେ ତାରକା ଦିବ୍ୟା ମହାନ୍ତି ଓ ଡ୍ୟାନ୍ସ ଗ୍ରୁପ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଉପସ୍ଥିତ ଲୋକେ ପଲ୍ଲିଶ୍ରୀ ମେଳାର ଭରପୂର ମଜା ନେଇଥିଲେ। ଶୀତୁଆ ସନ୍ଧ୍ୟାରେ ମହୋତ୍ସବ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଭାରପ୍ରାପ୍ତ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାରେ ମହୋତ୍ସବ ଉଦଘାଟିତ ହୋଇଛି। ଏହି ମହୋତ୍ସବ ୪ ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ଓଡ଼ିଶାର ନାମିଦାମୀ କଳାକାରଙ୍କ ସହ ସିନେତାରକା ଯୋଗଦେବା କାର୍ଯ୍ୟକ୍ରମ ରହିଛି।

## ସାମ୍ବାଦିକଙ୍କ ମାତୃ ବିୟୋଗ

ନୟାଗଡ଼,୩୦।୧(ସମିସ): ନୟାଗଡ଼ ଜିଲ୍ଲା ସାମ୍ବାଦିକ ତଥା ବିତରକ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କ ମାତୃବିୟୋଗ ଘଟିଛି। ତାଙ୍କ ମାଆ ରତନ ଷଡ଼ଙ୍ଗୀ ୮୫ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ଖବର ପାଇ ବନ୍ଧୁ ପରିଜନ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏକମାତ୍ର ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ।

## ମୃତ ଶିଶୁପୁତ୍ର ଉଦ୍ଧାର

ନୟାଗଡ଼,୩୦।୧(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ନୋତର ଆଦର୍ଶ ବିଦ୍ୟାଳୟ ନିକଟ ପୋଖରୀ କୂଳରୁ ମୃତ ଶିଶୁପୁତ୍ର ଉଦ୍ଧାର କରାଯାଇଛି। ପୁଲିସ ଶବ ଉଦ୍ଧାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ମିଳିଛି।

## ବଦଳିଲେ ବିଜେଡି ବ୍ଲକ ନେତୃତ୍ୱ

# ଶେଷଦେବ ଗଣିଆ, ଅରୁଣ ଦଶପଲ୍ଲା ସଭାପତି

ଗଣିଆ/ଦଶପଲ୍ଲା,୩୦।୧(ସମିସ): ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଗଣିଆ ବ୍ଲକ ବିଜେଡିର ନୂତନ ସଭାପତି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଶେଷଦେବ ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ଗଣିଆ ବ୍ଲକର ଜଣେ ଦକ୍ଷ ସଂଗଠକ ଭାବେ ସ୍ୱାଇଁ ନିଜ କାର୍ଯ୍ୟଦକ୍ଷତା ପ୍ରତିପାଦନ କରି ସାରିଛନ୍ତି। ବ୍ଲକ ଅଧକ୍ଷ ଭାବେ ତାଙ୍କ ଜନହିତକର କାର୍ଯ୍ୟ ଆଜି ବି ଜନସାଧାରଣ ମନେ ପକାଉଛନ୍ତି। ସ୍ୱାଇଁ ନୂତନ ସଭାପତି ହେବା ପରେ ଗଣିଆ ବ୍ଲକ ବିଜେଡି କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କର୍ମୀମାନେ ବିଜେଡି ସୁପ୍ରିମୋଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ କର୍ମୀଙ୍କୁ ଏକାଠି କରି ଆଗକୁ ବଢ଼ିବେ ବୋଲି ସେ ପ୍ରକାଶ କରିବା ସହ ଦଳର ସୁପ୍ରିମୋ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଏଥର ରାଜନୀତି ସରଗରମ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ଦଶପଲ୍ଲା ବିଜେଡି ବ୍ଲକ ସଭାପତିଙ୍କ ଅସୁସ୍ଥତା କାରଣରୁ ନୂତନ ଭାବେ ଘୋଳାହାଣ୍ଡି ସରପଞ୍ଚ ଅରୁଣ କୁମାର ସ୍ୱାଇଁଙ୍କୁ ଦଶପଲ୍ଲା ବ୍ଲକ ସଭାପତି ଭାବେ ଘୋଷଣା କରାଯାଇଛି। ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଉଭୟ ନୂତନ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଅରୁଣ କୁମାର ସ୍ୱାଇଁ


ଶେଷଦେବ ସ୍ୱାଇଁ

# କେବେ ମିଳିବ କୁଆଁରିଆ ବିସ୍ଥାପିତଙ୍କୁ ନ୍ୟାୟ

## ପୁଣି ଜିଲ୍ଲାପାଳଙ୍କୁ ଫେରାଦ



ନୟାଗଡ଼,୩୦।୧(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ କୁଆଁରିଆ ଜଳଭଣ୍ଡାର ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା ଅନେକ ପରିବାର ଏବେ ପୁଣି ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ପାଇଁ କ୍ଷତି ସହୁଛନ୍ତି। କୁଆଁରିଆ ଜଳଭଣ୍ଡାର ନିର୍ମାଣ ସମୟରେ ଶତାଧିକ ପରିବାର ବିସ୍ଥାପିତ ହୋଇଥିଲେ। ବିସ୍ଥାପିତ ପରିବାରକୁ ବସବାସ କରିବା ପାଇଁ ପଟ୍ଟା ପ୍ରଦାନ କରାଯାଇଥିଲା। କିନ୍ତୁ ସେଗୁଡ଼ିକୁ ଚିହ୍ନଟ କରା ନ ଯିବାରୁ ଗ୍ରାମବାସୀ ଅନ୍ୟ ସ୍ଥାନରେ ବାସ କରୁଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ବାହାନା ଦେଖାଇ ସବୁ ପଟ୍ଟାକୁ ଫେରାଇ ନିଆଯାଇଥିଲା। ଜଳଭଣ୍ଡାର ନିର୍ମାଣ ସମୟରେ ଯାହା ପ୍ରତିଶ୍ରୁତି ମିଳିଥିଲା, ତାହା ମଧ୍ୟ ଏଯାଏଁ ପୂରଣ କରାଯାଇନାହିଁ। ଏହି ଭିତରେ ରେଳ ପ୍ରକଳ୍ପ ପୁଣି ବିସ୍ଥାପିତଙ୍କ ପାଇଁ ଚିନ୍ତା ଆଣିଦେଇଛି। ଏ ନେଇ ରାଜ୍ୟପାଳଙ୍କୁ ଭେଟିବା ପରେ ରାଜ୍ୟପାଳ ନୟାଗଡ଼ ଜିଲ୍ଲାପାଳଙ୍କୁ ଏ ସଂକ୍ରାନ୍ତରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା ନିର୍ଦ୍ଦେଶରେ ହିଁ ଅଟକି ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ବିସ୍ଥାପିତଙ୍କ ଅନ୍ୟ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ବହୁ ବିସ୍ଥାପିତ ଶୁକ୍ରବାର ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି।

# ସରକାରୀ ଅନୁଦାନ କାର୍ଯ୍ୟରେ ଦଳୀୟ ଫଳକ

## ସରକାର ବଡ଼ ନା ସଂଗଠନ?

ନୟାଗଡ଼,୩୦।୧(ସମିସ)

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକରେ ବିଡିଓଙ୍କ ଏକାପାଖିଆ ନୀତି ପାଇଁ ପଞ୍ଚାୟତ ସମିତି ଅଧକ୍ଷା ନିର୍ମଳା ବେହେରା ଖୋଲାଖୋଲି ଅଭିଯୋଗ କରି ଆସୁଛନ୍ତି। ସରକାରୀ ଅନୁଦାନରେ ନିର୍ମାଣ କରାଯାଇଥିବା କାର୍ଯ୍ୟରେ ଏବେ ପଞ୍ଚାୟତ ସମିତି ଅଧକ୍ଷା ଓ ବିଡିଓଙ୍କ ନାମ ରହିବା ବଦଳରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ନାମ ରହିବାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଯାଇଛି। ନିୟମ ଅନୁସାରେ, ସରକାରୀ ଅନୁଦାନରେ ଉନ୍ନତିମୂଳକ କାର୍ଯ୍ୟ କରାଗଲେ ଉକ୍ତ ସ୍ଥାନରେ ଲାଗୁଥିବା ଫଳକରେ ସାଂସଦ, ବିଧାୟକ, ବ୍ଲକ ଅଧକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ଜିଲ୍ଲାପାଳ, ବିଡିଓଙ୍କ ନାମ ରହିବା କଥା। ମାତ୍ର ରଣପୁର ବ୍ଲକରେ ହେଉଥିବା ସରକାରୀ କାର୍ଯ୍ୟରେ ଦଳୀୟ ଫଳକ ଲାଗିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ବିଧାୟିକ ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବିଜେପି ମଣ୍ଡଳ ସଭାପତି, ପଞ୍ଚାୟତ ସଭାପତିଙ୍କ ନାମ କେଉଁ ଉଦ୍ଦେଶ୍ୟରେ ଏବଂ କେଉଁ ସ୍ୱାର୍ଥରେ ରଖାଯାଇଛି ବୋଲି ପ୍ରଶ୍ନ ଉଠିଛି। ଏହା ପଛରେ ରଣପୁର ବିଡିଓଙ୍କ ଭୂମିକାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ରଣପୁର ବିଡିଓ ଏହା ଜାଣିଛନ୍ତି ନା ଜାଣି ଅଜଣା ବୋଲି ପ୍ରଶ୍ନ ଉଠିଛି।




ରଣପୁର ବ୍ଲକ ଅଧୀନରେ କରାଯାଇଥିବା ବିଜିବିଓ ଅନୁଦାନରେ ଏଭଳି ହୋଇଛି। ଖଇରପଲ୍ଲୀ ପୁରୁଣାସାହି କରୁଣେଇ ମନ୍ଦିର ଫାଟକ ନିର୍ମାଣ ପାଇଁ ୪ ଲକ୍ଷ ୪୮ ହଜାର ଟଙ୍କା ଅନୁଦାନ ମିଳିଥିଲା। ଏହାର ଉଦଘାଟନ ଫଳକରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ସୁନାଖଳା ଜୋନ୍ ବିଜେପି ମଣ୍ଡଳ ସଭାପତି ଜୟନ୍ତ କୁମାର ନାୟକ, ବିଜେପି ପଞ୍ଚାୟତ ସଭାପତି ଅଶୋକ କୁମାର ସାମନ୍ତରାୟଙ୍କ ନାମ ରହିଛି। ଗତ ୨୮ ତାରିଖରେ ବାଚସ୍ପତି ନିଜେ ଏହି ଉଦଘାଟନ କରିବା ପରେ ରଣପୁର ବ୍ଲକ ରାଜନୀତିରେ ଉଷ୍ମତା ସୃଷ୍ଟି ହୋଇଛି। ସାଂସଦ, ବ୍ଲକ ଅଧକ୍ଷା, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତିସଭ୍ୟଙ୍କୁ ବାଦ ଦେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ନାମ ଫଳକରେ ରଖାଯିବାକୁ ନେଇ ଆଲୋଚନା ଓ ସମାଲୋଚନା ଲାଗିଛି। ବିଧାୟିକାଙ୍କ ସହ ସାଂସଦ ଓ ବ୍ଲକ ଅଧକ୍ଷାଙ୍କ ସୁସମ୍ପର୍କ ନ ଥିବାରୁ ଏଭଳି କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

# ବାଲୁଗାଁ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ



ବାଲୁଗାଁ,୩୦ ।୧(ସମିସ) : ବାଲୁଗାଁ ମହାବିଦ୍ୟାଳୟର ୪୫ତମ ବାର୍ଷିକ ସାମ୍ବତ୍ସରିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଆଡମ୍ବର ସହ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡଃ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ପ୍ରଫେସର ଡ଼ଃ ନିରଞ୍ଜନ ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଯୋଗଦେଇ ନିଜର ଅଭିଭାଷଣରେ ବର୍ତ୍ତମାନ ସମାଜରେ ବିଦ୍ୟାର୍ଥୀ ମାନେ ନିଜର ମାଟି, ଭାଷା ଓ ସଂସ୍କୃତିକୁ ସର୍ବଦା ସମ୍ମାନ ଦେଇ ଛାତ୍ରଛାତ୍ରୀ ମାନେ ଏକାଗ୍ରତା, ସାଧନା କରି ନିଜ ଅଞ୍ଚଳକୁ ଗୌରବାନ୍ୱିତ କରିବା ସହିତ ଆଜିର ଶୃଙ୍ଖଳିତ ଶିକ୍ଷାର୍ଥୀ ସମାଜ ଆସନ୍ତା କାଲିର ସମୃଦ୍ଧ ରାଷ୍ଟ୍ରଗଠନ ସହାୟକ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହକୁ ମନ୍ତ୍ରୀ ଶୁଭ ଉଦଘାଟନ କରିଥିବା ବେଳେ ବିଶିଷ୍ଟ ନାଟ୍ୟକାର ଗୋପବନ୍ଧୁ ଶତ୍ରୁଶଲ୍ୟଙ୍କୁ ଶାନ୍ତନୁ ଦାସ ନାଟ୍ୟ ସମ୍ମାନ-୨୦୨୬ ରେ ସମ୍ମାନିତ କରିବା ସହ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଏବଂ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ପୁରସ୍କାର ପାଇଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଶାସନିକ ଅଧିକାରୀ ଡ଼ଃ କୈଳାସ ଚନ୍ଦ୍ର ମହାରଣା ସଭା ପରିଚାଳନା କରିଥିବା ସ୍ଥଳେ ଯୁକ୍ତ ଦୁଇ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଟ୍ରିପଲ 'ଏ'ରେ ଗ୍ରାଜୁଏସନ୍ ଡେ'




ଖୋର୍ଦ୍ଧା,୩୦।୧(ସମିସ): ଶୁକ୍ରବାର ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରାଜୁଏସନ୍ ଡେ' ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଡା.ନନ୍ଦକିଶୋର ପଟ୍ଟନାୟକଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଏନ.ଡି.ଏ ବିଭାଗର ମୁଖ୍ୟ ମେଜର ସୁଶାନ୍ତ କୁମାର ମହାନ୍ତି, ଇଷ୍ଟେଟ ମ୍ୟାନେଜର ଚିତରଂଜନ ପଟ୍ଟନାୟକ ଓ ଆସୋସିଏଟ ଡାଇରେକ୍ଟର ମିତାଲି ପରିଡା ଏହି ସଭାରେ ଉପସ୍ଥିତ ରହି ଏହି ଦିବସର ମହାନତା ପ୍ରଦାନ କରିଥିଲେ । ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅତିଥିମଣ୍ଡଳୀଙ୍କ ଠାରୁ ସାର୍ଟିଫିକେଟ ଗ୍ରହଣ କରି ଭବିଷ୍ୟତ ଜୀବନରେ ସମାଜର କଲ୍ୟାଣ ପାଇଁ ନିଜ ଶିକ୍ଷାର ଉପଯୋଗ କରିବାପାଇଁ ଶପଥ ନେଇଥିଲେ ।ଏହି ସଭାକୁ ବିଦ୍ୟାଳୟର କାଉନସେଲର ଅନେନା ପ୍ରଦୀପ ସଂଚାଳନ କରିଥିବା ବେଳେ ସାମାଜିକ ବିଜ୍ଞାନର ଶିକ୍ଷିକା ପ୍ରେମଲତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଅଧକ୍ଷା ଦିପ୍ତିମୟୀ ମହାନ୍ତିଙ୍କ ପରୋକ୍ଷ ତତ୍ୱାବଧାନରେ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କୁଷ୍ଠ ନିରାକରଣ ସଚେତନତା ଶିବିର

ଖୋର୍ଦ୍ଧା,୩୦।୧(ସମିସ): ଶୁକ୍ରବାର ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ନର୍ସିଂ ବିଭାଗ ଦ୍ୱାରା ବିଶ୍ୱ କୁଷ୍ଠ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ନର୍ସିଂ ଅଧକ୍ଷା ସ୍ୱର୍ଣ୍ଣଲତା ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର କର୍ମକର୍ତା ମାନଙ୍କୁ ଏହି ରୋଗର ଲକ୍ଷଣ ଓ ନିରାକରଣ ଉପରେ ସଚେତନ କରାଇବା ସଙ୍ଗେ ସଙ୍ଗେ ନିକଟସ୍ଥ ବେରୁହାଁ ଗ୍ରାମକୁ ଯାଇ ଜନସାଧାରଣମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଭେଟି ସଚେତନ ମଧ କରାଇଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ମଧ ପ୍ରଦର୍ଶିତ କରାଯାଇଥିଲା । ଏହାକୁ ନର୍ସିଂ ବିଭାଗର ଶିକ୍ଷକ କୁଲଦୀପ, ବିଶ୍ୱଜିତ, ସ୍ମୃତି ଶିଖା, ସ୍ମୃତି ଓ ବର୍ଷା ସଂଯୋଜନା କରିଥିଲେ ।




# କ୍ରସର୍ ଶିଳ୍ପରେ ତାଲା; ଦାଦନମୁହାଁ ଶ୍ରମିକ

ଖୋର୍ଦ୍ଧା,୩୦।୧(ସମିସ):

ମାସେ କି ଦୁଇମାସ ନୁହେଁ ବରଂ ପ୍ରାୟ ବର୍ଷେ ହେବ କଞ୍ଚାମାଲ ଅଭାବରୁ କ୍ରସର ଶିଳ୍ପରେ ତାଲା ଝୁଲୁଛି । ସ୍ଥାନୀୟଅଞ୍ଚଳର ଖଣି ବନ୍ଦ ପଡ଼ିଥିବାରୁ ଏହାର ପ୍ରଭାବରେ କ୍ରସର ଶିଳ୍ପଉପରେ ପଡିଛି । ଯଦିଓ ମନ୍ଦିର ପ୍ରଶାସନ ଓ ଜିଲ୍ଲାପ୍ରଶାସନ କିଛି ସୌରାତ୍‌ରୁ ପଥର ଉତ୍ତୋଳନ ପାଇଁ ଅନୁମତି ଦେଇଛି । ଏହା କିନ୍ତୁ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି । ଆଜି ମଧ ଅନେକ କ୍ରସର୍ ସ୍ଥାଣୁ ଅବସ୍ଥାରେ

## ବଜାରରେ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ

ପଡ଼ିଛି । କେବଳ ହାତଗଣତି କିଛି ମୁଷ୍ଟିମେୟ ଲୋକଙ୍କ କ୍ରସର୍ ଚାଲିଥିବା ଦେଖିବାକୁ ମିଳିଛି । ବିଡ଼ମ୍ବନାର ବିଷୟ ଦୀର୍ଘମାସ ଧରି ଏ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ନଦେବା ଫଳରେ ଅଧିକାଂଶ କ୍ରସର ମାଲିକ ବାଧ ହୋଇ ବିଦ୍ୟୁତ ସଂଯୋଗ ମଧ କାଟିଦେଇଥିବା ଜଣାଯାଇଛି । ସର୍ବନିମ୍ନ ଚାର୍ଜରେ ବିଦ୍ୟୁତ ବିଲ୍ ଦେବାକୁ ବିଭାଗ ପକ୍ଷରୁ ବାଧ କରାଯାଉଥିବାବେଳେ ଯେଉଁମାନେ ଅସମର୍ଥ ହେଉଛନ୍ତି ତାଙ୍କର ସଂଯୋଗ ବିଚ୍ଛିନ୍ନ କରାଯାଉଛି । କ୍ରସର ଶିଳ୍ପ ଉପରେ ନିର୍ଭର କରୁଥିବା ଶ୍ରମିକଙ୍କ ମଧ୍ୟରୁ ହଜାର ହଜାର ଶ୍ରମିକ କାମଧନ୍ଦା ଅଭାବରୁ ଦାଦନ ମୁଁହା ହୋଇଥିବାବେଳେ ଆଉ କେହି ଉକ୍ତ ବନ୍ଦ କ୍ରସର ନିକଟରେ ଭୋକ ଉପାସରେ ଦିନ କାଟୁଛନ୍ତି ।



ସୂଚନାଯୋଗ୍ୟ, ଦୀର୍ଘ ୭୦ବର୍ଷରୁ ଊର୍ଦ୍ଧ୍ୱ ହେବ ଖୋର୍ଦ୍ଧା ଅଞ୍ଚଳର ଦଳେଇପୁଟ, କୁରାଡମଲ୍ଲ, ଦୁର୍ଗାପୁର, ବାଜପୁର, ଛତ୍ରମା, ଦଧିମାଛଗାଡିଆ, ତାପଙ୍ଗ, ମଳିପଡ଼ା, କଁପୁର, ଗୋଡ଼ା, ନରଣଗଡ, ସାଆନ୍ତା, କାଇପଦର, ଗୋଡ଼ିପଡ଼ା ପ୍ରମୁଖ ସ୍ଥାନମାନଙ୍କରେ କ୍ରସର୍ ଶିଳ୍ପ ଗଢ଼ି ଉଠିଛି । ପାଖାପାଖି ୫ଶହ କ୍ରସର ଉପରେ କେବଳ ଖୋର୍ଦ୍ଧା ନୁହେଁ ବରଂ ଆଦିବାସୀ ବହୁଳ ଜିଲ୍ଲାଭାବେ ପରିଚିତ କୋରାପୁଟ, ବୌଦ୍ଧ, ଫୁଲବାଣୀ, ବଲାଙ୍ଗିର, ସୋନପୁର, ମୟୁରଭଞ୍ଜ ଭଳି ଅନେକ ଜିଲ୍ଲାର ଶ୍ରମିକମାନେ ନିଜର ପେଟପାଟଣା ପାଇଁ ଏଠାରେ କାମଧନ୍ଦା କରୁଥିଲେ । ପ୍ରାୟ ୧୫ହଜାରରୁ ଉର୍ଦ୍ଧ୍ୱ ବେକାର ଯୁବକ ଯୁବତୀ ସିଧାସଳଖ ଭାବେ କ୍ରସର ଶିଳ୍ପ ଦ୍ୱାରା ଉପକୃତ ହେଉଥିବାବେଳେ ପରୋକ୍ଷରେ ହଜାର ହଜାର ଗାଡ଼ି ମାଲିକ, ଶତାଧିକ ବ୍ୟବସାୟୀ ଏବଂ ଠିକାଦାର ମଧ ଉପକୃତ ହେଉଥିଲେ । ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପ୍ରାୟ ବର୍ଷେ ହେବ ବନ୍ଦ ପଡିଛି କ୍ରସର ଶିଳ୍ପ ।ଏହି ଶିଳ୍ପ ଏବେ ବୁଡିବାକୁ ବସିଥିବାବେଳେ ଏହାକୁ ଦୃଷ୍ଟିରେ ରଖି କରାଯାଇଥିବା ଗାଡି ଓ ମେସିନ୍ ପ୍ରଭୃତି ଏବେ ପଡି ଖତ ଖାଉଛି ।

ଅନ୍ୟପକ୍ଷରେ ବ୍ୟାଙ୍କ ଓ ହାତ ଉଧାରୀ ଋଣ କରି କ୍ରସର ଶିଳ୍ପ କରିଥିବା ମାଲିକଙ୍କ ଅବସ୍ଥା କହିଲେ ନସରେ । କେଉଁଠି ବ୍ୟାଙ୍କ କର୍ତ୍ତୃପକ୍ଷ କିସ୍ତି ପାଇଁ ଦ୍ୱାର କୁ ଆସିଲେଣି ତ ଆଉ କେଉଁଠି ମହାଜନ ଟଙ୍କା ଫେରାଇବାକୁ ଦାବି କଲାଣି । ଏଥିସହିତ ଗାଡି ଓ ମେସିନ୍ ମାଲିକଙ୍କ ଅବସ୍ଥା ମଧ ସମାନ । ଯାହା ଆଜି କିଛି କ୍ରସର ମାଲିକ କୋହଭରା କଣ୍ଠ ରେ ପ୍ରକାଶ କରିବା ଘଟଣା ସ୍ପଷ୍ଟ କରୁଛି । ଗାଡି ଓ କ୍ରସର ବାବଦ ବ୍ୟାଙ୍କ ଋଣ ଅର୍ଥ ସୁଝିବାକୁ ଯାଇ ଘରେ ଥିବା ସୁନା ଗହଣା ବ୍ୟାଙ୍କରେ ବନ୍ଧା ପଡ଼ିଛି । ତାହା ମଧ ଏବେ ବୁଡ଼ିବାକୁ ବସିଲାଣି । ସେପଟେ କ୍ରସର ଶିଳ୍ପ ଚାଲିବା ଲାଗି କୌଣସି ବାଟ ଫିଟୁନଥିବାବେଳେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଯେଉଁ ଜମିରେ କ୍ରସର ବସିଛି ତାର ପାଉଣା ପ୍ରତି ସମୟରେ ଦେବା ଲାଗି ତାଗିଦ କରିବା ଏବେ ମାଲିକମାନଙ୍କୁ ବେଢି ଉପରେ କୋରଡା ମାଡ ସଦୃଶ ହୋଇଛି ।

ମାତ୍ର ବେଗୁନିଆ ତହସିଲର ପରିଛଳ ଓ ଟାଙ୍ଗୀ ତହସିଲ କୁହୁଡ଼ି ଅଞ୍ଚଳରେ କିଛି ସୌରାତରୁ ଗ୍ରାନାଇଟ୍ ଉତ୍ତୋଳନ ନିମନ୍ତେ ଜିଲ୍ଲା ପ୍ରଶାସନ ଅନୁମତି ଦେଇଛି । କିନ୍ତୁ କୁହୁଡିରୁ କଞ୍ଚାମାଲ ଆଣିବାରେ ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ ହେଉଥିବାରୁ ତାପଙ୍ଗ ମାଲିକ ମାନେ ଏହାକୁ କିଣିବାରେ ଅସମର୍ଥ ହେଉଛନ୍ତି । ଯଦି ବି କେହି ଆଣି କ୍ରସର ଚଳାଉଛନ୍ତି, ତଥାପି କୌଣସି ଲାଭ ହେଉନଥିବା ପ୍ରକାଶ କରିଛନ୍ତି ।

କ୍ରସର ଶିଳ୍ପ ବନ୍ଦ ହୋଇଯିବା ଫଳରେ ଖୋର୍ଦ୍ଧା ଉପକଣ୍ଠର ତାପଙ୍ଗ, ଓସିସିଛକ, ମଳିପଡା, ରାମେଶ୍ୱର, ତୋଟାପଡା ପ୍ରଭୃତି ଛକ ମାନଙ୍କରେ ବସିଥିବା କ୍ଷୁଦ୍ର ବ୍ୟବସାୟୀମାନେ ହାତବାନ୍ଧି ବସିଛନ୍ତି । ଖୋର୍ଦ୍ଧା ସହରରେ ମଧ ଏହାର ପ୍ରଭାବ ପଡିଛି । ବଜାରରେ ଏକ ପ୍ରକାର ଆର୍ଥିକ ମାନ୍ଦାବସ୍ଥା ଲାଗିରହିଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ଏଭଳି ମାନ୍ଦାବସ୍ଥା ସୃଷ୍ଟି ପଛରେ କ୍ରସର ଶିଳ୍ପ ଉପରେ ନିର୍ଭର କରୁଥିବା ଶ୍ରମିକମାନେ ଦାଦନମୁଁହା ବୋଲି ସେମାନେ କହିଛନ୍ତି ।

ତେଣୁ ଖୋର୍ଦ୍ଧା ଅଞ୍ଚଳରେ ଥିବା ସମସ୍ତ କ୍ରସରଶିଳ୍ପକୁ ଆଇନ ମୁତାବକ ଚାଲିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରିବା ସହ କ୍ରସର ଶିଳ୍ପକୁ କଂଚାମାଲ ଉଚିତ୍ ମୂଲ୍ୟରେ ଯୋଗାଇ ଦେବା ପାଇଁ ପାହାଡ ଗୁଡିକ ଚଳାଇବାକୁ ସୁବନ୍ଦୋବସ୍ତ କରିବା ଲାଗି ଦାବି ହେଉଛି ।

# ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

ନିରାକାରପୁର,୩୦।୧(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଞ୍ଚଳର ଜଣେ ଯୁବତୀକୁ କରିଥିବା ଦୁଷ୍କର୍ମ ଅଭିଯୋଗରେ ଆଜି ନିରାକାରପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାପଡିଛି । ସୂଚନାଯୋଗ୍ୟ କି ଗତ ୨୪ ତାରିଖରେ ଜଣେ ଯୁବତୀ ନିରାକାରପୁର ଥାନା କେସ ନଂ ୨୫/୨୪.୧.୨୬ ରେ ଉକ୍ତ ଥାନା ଅନ୍ତର୍ଗତ ବଡ଼ପୋଖରିଆ ଗ୍ରାମର ଜଣେ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିବା ଲିଖିତ ଅଭିଯୋଗ ଦେବା ପରେ ଆଜି ପୁଲିସ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ଏସ ଆଇ ଦିପଲିଶା ନାୟକ ସଦଳବଳେ ଚଢ଼ଉ କରି ଧନଞ୍ଜୟ ବଡ଼ଜେନା (୩୨) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।



# ନାଚୁଣୀ କଲେଜରେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଚିଲିକା,୩୦।୧(ସମିସ): ନାଚୁଣୀ ମହାବିଦ୍ୟାଳୟ ଆନୁକୂଲ୍ୟରେ +୩ ସ୍ନାତକ ପ୍ରଥମ ବର୍ଷ ଛାତ୍ରୀଙ୍କୁ ନେଇ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଉଦ୍‌ଘାଟିତ ହୋଇଯାଇଛି । କଲେଜର ଅଧକ୍ଷ ଡଃ ସୁନୀଲ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନେ ଶୃଙ୍ଖଳିତ ରହିବା ସହ ଧୈର୍ଯ୍ୟ ଓ ସାହସର ସହିତ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନାଚୁଣୀ ଥାନାର ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରଶେଖର ଜେନା ଛାତ୍ରୀମାନେ କିପରି ବିପଦ ସମୟରେ ଧୈର୍ଯ୍ୟହରା ନ ହୋଇ ତାହାର ମୁକାବିଲା କରିପାରିବେ ସେ ଉପରେ କହିଥିଲେ । ଡ. ପଟ୍ଟନାୟକ କହିଥିଲେ "ଆମ ସୁରକ୍ଷା ଆମମାନଙ୍କ ନିଜର କର୍ତ୍ତବ୍ୟ' । ଏଥିପାଇଁ ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଅଧାପିକା ଏଲ୍‌ଟି ମିଲି ବେହେରା ପ୍ରଶିକ୍ଷିକା ଭାବେ ଦାୟତ୍ୱ ତୁଲାଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ଅଧାପିକା ଶୁଭ୍ରଜ୍ୟୋତ୍ସ୍ନା ବିଶ୍ୱାଳ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପଦାର୍ଥ ବିଜ୍ଞାନର ଅଧାପିକା ଲିପ୍‌ସାରାଣୀ ବେହେରା ।




# ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ନିରାକାରପୁର,୩୦।୧(ସମିସ) : ଖୋର୍ଦ୍ଧା ଜିଲ୍ଲା ଛଣଗିରି ଖେଳ ପଡ଼ିଆରେ ଛଣଗିରି ପଞ୍ଚାୟତ ଆଞ୍ଚଳିକ ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍ ଛତିଶଗଡ଼ ଜଗଦଲପୁର ବନାମ ୟୁନାଇଟେଡ୍ କ୍ଲବ୍, ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜଗଦଲପୁର ଓ ଆଫ୍ରିକା ମଧ୍ୟରେ ହୋଇଥିବା ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ଖେଳ ଶେଷ ପର୍ଯ୍ୟନ୍ତ ୧-୧ ଗୋଲ କରି ସ୍କୋର ବରାବର ରହିଥିଲା । ପରେ ଛତିଶଗଡ଼ ଜଗଦଲପୁରକୁ ଆଫ୍ରିକା ଟ୍ରାଇବ୍ରେକରରେ ୫-୪ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି । ଆଜି ଛତିଶଗଡ଼ ଜଗଦଲପୁର ଦଳର ଖେଳାଳି ମାର୍କୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା ।ଆଜିର ଖେଳକୁ ଜ୍ୟୋତି ରଞ୍ଜନ ସ୍ୱାଇଁ, ପ୍ରିୟବ୍ରତ ବହାନିପତି, ସୋମନାଥ ମୁର୍ମୁ ଓ ଅବିନାଶ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ଆଜିର ଅତିଥିଭାବେ ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ଶିକ୍ଷାବିତ୍ କାଳନ୍ଦୀ ଚରଣ ନାୟକ, ବରିଷ୍ଠ ଫାର୍ମାସିଷ୍ଟ ହରମୋହନ ଦାସ , ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ଦାସ, ଶିକ୍ଷାବିତ୍ ପ୍ରମୋଦ କୁମାର ବୈରିଗଞ୍ଜନ୍, ସାମ୍ବାଦିକ ଦାଶରଥି ଶ୍ରୀଚନ୍ଦନ, ସଖା ସଂଘ କ୍ରୀଡା ସଂସଦ ସମ୍ପାଦକ ଦୀପକ କୁମାର ପ୍ରଧାନ, ସହଯୋଗ ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ ଉପଦେଷ୍ଟା ବିରେନ୍ଦ୍ର ଦାସ, ସଭାପତି ମନୋରଞ୍ଜନ ସାମନ୍ତରାୟ, ସମ୍ପାଦକ ବିଭୂତି ଭୂଷଣ ଦାଶ ଓ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସୁନ୍ଦରାୟ ,ଉପ ସଭାପତି ସେକ ସେରଲି, କୋଷାଧକ୍ଷ ଆନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦ୍‌ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧରେ ମ୍ୟାନେଜର ସୁଶାନ୍ତ କୁମାର ପରିଡ଼ା, ଉପଦେଷ୍ଟା ଜନ୍ ମହାନ୍ତି, ପ୍ରମୋଦ ବୈରିଗଂଜନ, ଲଳିତ ପଟ୍ଟନାୟକ, ସେକ ହମିଦ ରଜାକ ଖାନ, ଯୁଧିଷ୍ଠିର ବଳିୟାରସିଂହ, ଅଲେଖଚନ୍ଦ୍ର ଭୋଇ, ଭାରତ ଭୂଷଣ ସ୍ୱାଇଁ, ଭରତ ବେହେରା, ଅଜୟ ପ୍ରଧାନ, ପ୍ରଭାକର ସାହୁ, କାମଦେବ ପରିଡା, ଶ୍ରୀନିବାସ ଚମ୍ପତିରାୟ, ପ୍ରତାପ ସ୍ୱାଇଁ, ଶରତ ପ୍ରଧାନ, ନିବାସ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା କାଲି ରବୀନ୍ଦ୍ର ଫୁଟବଲ ଏକାଡେମୀ, ଦମ ଦମ, କଲିକତା ବନାମ ଓଡ଼ିଶା ଇଲେଭେନ, ଓଡ଼ିଶା ମଧରେ ଖେଳ ଅନୁଷ୍ଠିତ ହେବ ।

# ଚୋରି ସାମଗ୍ରୀ ଜବତ, ୨ ଗିରଫ

ବାଲୁଗାଁ,୩୦।୧(ସମିସ) : ଗୁରୁବାର ବିଳମ୍ବିତ ରାତ୍ରରେ ବାଲୁଗାଁ ରେଳ ଷ୍ଟେସନ ପରିସରରେ ଲାଗିଥିବା ଡିଜି ଜେନେରେଟରରୁ ବ୍ୟାଟେରି ଚୋରିରେ ସଂପୃକ୍ତ ଦୁଇ ଜଣ ଅଭିଯୁକ୍ତକୁ ଶୁକ୍ରବାର ରେଳବାଇ ପୁଲିସ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାଚୁଣୀ ଥାନା ଅଧିନ ବିଂଝଳା ଗ୍ରାମର ଜିତୁ ନାୟକ (୨୬) ହୋଇଥିବା ବେଳେ ଅନ୍ୟଜଣେ ହେଲେ ନାଭାଲ ଫାଣ୍ଡି ଅନ୍ତର୍ଗତ ଗବପଦର ଗ୍ରାମର କବାଡିଆ ଦୋକାନୀ ବନମାଳି ବେହେରା ବୋଲି ଜଣାଯାଇଛି ।

ସୂଚନା ମୁତାବକ, ବାଲୁଗାଁ ରେଳଷ୍ଟେସନ ପରିସରରୁ ବିଳମ୍ବିତ ରାତ୍ରରେ ଜିତୁ ଡିଜି ଜେନେରେଟରରୁ ବ୍ୟାଟେରି ଚୋରି କରି ନେଇ ଫେରାର ହୋଇଯାଇଥିଲା । ଶୁକ୍ରବାର ସକାଳେ ବାଲୁଗାଁ ରେଳବାଇ ପୁଲିସ ଏସମ୍ପର୍କରେ ଜାଣିବାକୁ ପାଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତେବେ ରେଳବାଇ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଜିତୁକୁ ଗିରଫ କରି ପଚରା ଉଚରା କରିବା ପରେ ସେ ଗବପଦର ସ୍ଥିତ କବାଡିଆ ଦୋକାନରେ ବ୍ୟାଟେରୀ ବିକ୍ରୀ କରିଥିବା ମାନିଥିଲା । କବାଡିଆ ଦୋକାନରେ ରେଳବାଇ ପୁଲିସ ଚଢାଉ କରି ଦୋକାନ ମାଲିକ ବନମାଳିକୁ ଗିରଫ କରି ତା ନିକଟରୁ ଚୋରି ବ୍ୟାଟେରୀ ସହ ପୂର୍ବରୁ ଚୋରୀ ହୋଇଥିବା ୫୦ ମିଟର କେବୁଲ ମଧ ଜବତ କରିବାରେ ସଫଳ ହୋଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୁଚନା ମିଳିଛି ।

# ଚିଲିକା ନୌସେନା ତାଲିମ କେନ୍ଦ୍ର ପକ୍ଷରୁ ସାମ୍ବାଦିକଙ୍କ ବନ୍ଧୁମିଳନ



ବାଲୁଗାଁ;୩୦ ।୧(ସମିସ) : ପ୍ରତିବର୍ଷ ପରି ଚଳିତ ବର୍ଷ ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକା ପକ୍ଷରୁ ଶୁକ୍ରବାର ଆଇଏନଏସ ଚିଲିକା ପରିସରରେ ବାର୍ଷିକ ସାମ୍ବାଦିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖୋର୍ଦ୍ଧା, ବାଲୁଗାଁ, ବାଣପୁର, ଟାଙ୍ଗୀ, ଚିଲିକା ଓ ଗଞ୍ଜାମ ଆଦି ଅଞ୍ଚଳର ପ୍ରାୟ ୪୦ ଜଣ ସାମ୍ବାଦିକ ଯୋଗ ଦେଇଥିବା ବେଳେ ଆଇଏନଏସ ଚିଲିକା ପକ୍ଷରୁ ସମସ୍ତ ସାମ୍ବାଦିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଥିଲା । ଆୟୋଜିତ ବାର୍ଷିକ ସାମ୍ବାଦିକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଓଡ଼ିଶା ନୌସେନା ଅଧିକାରୀ ତଥା ଆଇଏନଏସ ଚିଲିକା କମାଣ୍ଡିଂ ଅଫିସର କୋମଡ଼ର ବି.ଦୀପକ ଅନୀଲ ଯୋଗ ଦେଇ ପ୍ରଚାର ଓ ପ୍ରସାରର ମୁଖ୍ୟ ସ୍ରୋତ ସାଜିଥିବା ଗଣମାଧ୍ୟମ ପ୍ରତିନିଧି ମାନେ ଆଇଏନଏସ ଚିଲିକାର ପ୍ରତିଟି ଖବର ରାଜ୍ୟ ତଥା ଦେଶର ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଥିବାରୁ ସମସ୍ତ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଭୂୟସି ପ୍ରଶଂସା କରିବା ସହ ଗଣମାଧ୍ୟମ ଓ ଆଇଏନଏସ ଚିଲିକା ମଧ୍ୟରେ ସୁସମ୍ପର୍କ ରହି ଆସିଛି ଏବଂ ଆଗକୁ ମଧ ସଦାସର୍ବଦା ବଜାୟ ରହିବ ବୋଲି କୋମଡ଼ର ବି.ଦୀପକ ଅନୀଲ କହିଥିଲେ । ଏଥିରେ ଭାରତୀୟ ନୌସେନା ସମ୍ବନ୍ଧରେ ସମ୍ୟକ ବିବରଣୀ ଉପସ୍ଥାପନ କରିବା ସହ ବିଗତ ଏକ ବର୍ଷ ମଧ୍ୟରେ ଆଇଏନଏସ ଚିଲିକା ପକ୍ଷରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଆଇଏନଏସ ଚିଲିକାର ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ । ଶେଷରେ ସମସ୍ତ ସାମ୍ବାଦିକମାନଙ୍କ ସହ କୋମଡ଼ର ବି ଦୀପକ ଅନୀଲଙ୍କ ସମେତ କମାଣ୍ଡିଂ ଅଫିସର ଓ ଲେଫ୍ଟନାଣ୍ଟ ଅଫିସର ମାନେ ମଧ୍ୟାହ୍ନ ଭୋଜନ କରିଥିଲେ ।

# ବିଶ୍ୱ ନାଟ୍ୟ ମେଳାରେ ୩ ଓଡ଼ିଆ ନାଟକକୁ ୧୫ ଜାତୀୟ ପୁରସ୍କାର

ଟାଙ୍ଗୀ,୩୦।୧(ସମିସ):

ଥିଏଟର ମୁଭ୍ ମେଣ୍ଟ୍, କଟକ ପକ୍ଷରୁ କଳାବିକାଶ କେନ୍ଦ୍ର ରଙ୍ଗମଞ୍ଚରେ ହୋଇଥିବା ଚଳିତ ୨୮ତମ ବିଶ୍ୱ ନାଟ୍ୟ ମେଳା ଓ ଜାତୀୟ ନାଟକ ଉତ୍ସବ ରେ ଚିଲିକା ବାଣପୁର ଅଞ୍ଚଳର ୩ଟି ଅନୁଷ୍ଠାନ ଦ୍ୱାରା ଭାଗ ନେଇଥିବା ୩ଟି ଓଡ଼ିଆ ନାଟକ ୧୫ଟି ପୁରସ୍କାର ଲାଭ କରି ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛି । ନାଟ୍ୟକାର ଭିକାରୀ ଚରଣ ପ୍ରଧାନଙ୍କ ରଚିତ, କଳିଙ୍ଗ କନ୍ୟା କଳା ପରିଷଦ, ବାଣପୁର ଦ୍ୱାରା ଉପସ୍ଥାପିତ ଏବଂ ପ୍ରମୋଦ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶିତ ନାଟକ 'ଅହିନନ୍ଦିନୀ'କୁ ୧ମ ଶ୍ରେଷ୍ଠ ପୁରସ୍କାର, ୩ୟ ଶ୍ରେଷ୍ଠ ଭାଷା ଭିତ୍ତିକ ନାଟକ ପୁରସ୍କାର, ଶ୍ରେଷ୍ଠ ରୂପ ବିନ୍ୟାସ ପୁରସ୍କାର, ଶ୍ରେଷ୍ଠ ଆଲୋକ ସମ୍ପାତ ପୁରସ୍କାର, ନଗଦ ଅର୍ଥ ରାଶି ପୁରସ୍କାର, ଶ୍ରେଷ୍ଠ ଅଭିନେତ୍ରୀ ଅଧକ୍ଷ ପୁରସ୍କାର, ଶ୍ରେଷ୍ଠ ଅଭିନେତ୍ରୀ ସମ୍ପାଦକ ପୁରସ୍କାର ମିଳିଥିବା ବେଳେ ଚିଲିକା ବ୍ଲକ ଅଧୀନ ପଲ୍ଲବୀ ନାଟ୍ୟ କଳା ପରିଷଦ,



ଘିଅଖଲା ମଠପୁର ଦ୍ୱାରା ପରିବେଷିତ, ଅଶୋକ କୁମାର ପ୍ରଧାନଙ୍କ ରଚିତ ଏବଂ ପ୍ରଥ୍ୱିଧର ପ୍ରଧାନଙ୍କ ନିର୍ଦ୍ଦେଶିତ ଶିଶୁ ନାଟକ "ଅନ୍ଧ ଭକ୍ତି'କୁ ଶ୍ରେଷ୍ଠ ପାଣ୍ଡୁଲିପି ପୁରସ୍କାର,୨ୟ ଶ୍ରେଷ୍ଠ ଭାଷା ଭିତ୍ତିକ ନାଟକ ପୁରସ୍କାର, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶନା ପୁରସ୍କାର,୨ୟ ଶ୍ରେଷ୍ଠ ପ୍ରଯୋଜନା ପୁରସ୍କାର , ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ (ପରୀ ବେହେରା) ପୁରସ୍କାର,୨ୟ ଶ୍ରେଷ୍ଠ ଶିଶୁ ଅଭିନେତା (ବୈଷ୍ଣବ ଯୁଝାର ସିଂହ) ପୁରସ୍କାର ମିଳିଛି । ସେହିପରି ବାଲୁଗାଁ ସ୍ଥିତ ଡିଏଭି ଗୁରୁ କୁଳ ଦ୍ୱାରା ପରିବେଷିତ ସମକାଳୀନ ନାଟକ "ଆଉ ଏକ ରେବତୀ'କୁ ଶ୍ରେଷ୍ଠ ପ୍ରଯୋଜନା ଭିତ୍ତିକ ନାଟକ, ୨ୟ ଶ୍ରେଷ୍ଠ ଭାଷା ଭିତ୍ତିକ ନାଟକ ଏବଂ ୩ୟ ଶ୍ରେଷ୍ଠ ସମକାଳୀନ ନାଟକ ପୁରସ୍କାର ଲାଭ କରିଛି । ଏହି ସମସ୍ତ ନାଟକର ସଫଳତା ପାଇଁ ଅଞ୍ଚଳର ବହୁ ସାରସ୍ୱତ ଓ ସାଂସ୍କୃତିକ ସଂଗଠନ ସହ ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ଚିଲିକା ସାହିତ୍ୟ ସମାଜ ନାଟ୍ୟକାର, ନିର୍ଦ୍ଦେଶକ, କଳାକାର ଓ ରଙ୍ଗ କର୍ମୀ ମାନଙ୍କୁ ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଇଛନ୍ତି ।

